ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ନଭେମ୍ବର, ୨୦୨୨



# ‘ଜୀବନ ଦେବୁ ପଛେ ଭିଟାମାଟି ଛାଡିବୁନି’

ଯାଜପୁର ଅଫିସ,୨୪।୧୧

ଯାଜପୁର ଜିଲା ପ୍ରଶାସନିକସ୍ତରରେ ଶିଳ୍ପପାଇଁ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ଜମି ଅଧିଗ୍ରହଣ ବେଳେ ଓଡ଼ିଶା ଭୂସଂସ୍କାର ଆଇନର ବ୍ୟାପକ ଉଲ୍ଲଙ୍ଘନ କରାଯାଇଛି । ଘରୋଇ ପୁଞ୍ଜି ନିବେଶରେ କଳିଙ୍ଗନଗରରେ ବହୁ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଥିଲେ ହେଁ ନିଯୁକ୍ତି ଦେବା ମନଲୋଭା ପ୍ରତିଶ୍ରୁତି ସବୁ ଫସର ଫାଟିଛି। ଆଗକୁ ପୁଣି କଳିଙ୍ଗନଗରରେ ୩୫ଟି ଛୋଟବଡ ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବ ରହିଥିବାରୁ ୪ ଗାଁ ଲୋକଙ୍କୁ ଉଠାଇ ପୁଣି ବିସ୍ଥାପନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ କ୍ଷତିପୂରଣ ପ୍ରଦାନ ଏବଂ କ୍ଷତିଗ୍ରସ୍ତ ପରିବାରର ଜଣଙ୍କୁ ନିଯୁକ୍ତି ସହ ୧୮ ବର୍ଷ ହେଉଥିବା ଯୁବକଙ୍କୁ ସ୍ୱତନ୍ତ୍ର ପରିବାର ମାନ୍ୟତା ଆଦି ଦାବି କରି ଜମି ଅଧିଗ୍ରହଣକୁ ବିରୋଧ କରାଯାଇଛି। କିନ୍ତୁ ଇଡ୍‌କୋ କର୍ତ୍ତୃପକ୍ଷ ପୋଲିସ ଫୋର୍ସ ମୁତୟନ କରି ବଳପୂର୍ବକ ଜମି ଅଧିଗ୍ରହଣ କରୁଛନ୍ତି। କୋମଳମତି ଶିଶୁ, ମହିଳା ଓ ପୁରୁଷ ଲୋକଙ୍କୁ ପୋଲିସ ଉଠାଇ ନେଇ ଅଟକ ରଖି ମାନସିକ ନିର୍ଯାତନା ଦିଆଯାଉଛି। ଉପରୋକ୍ତ ମର୍ମରେ କ୍ଷତିଗ୍ରସ୍ତ ଲୋକ ଗୁରୁବାର ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ ପୂର୍ବକ ନ୍ୟାୟ ପାଇଁ ଅନୁରୋଧ କରିଛନ୍ତି। ନଚେତ୍ ଜୀବନ ଦେବୁ ପଛେ ନିଜର ଭିଟାମାଟି ଛାଡ଼ିବୁନି ବୋଲି କ୍ଷତିଗ୍ରସ୍ତ ପରିବାରର ଈଶ୍ୱର ଦାସ, ମକରଧ୍ୱଜ ଦାସ, ବିଜୟ କୁମାର ଦାସ ପ୍ରମୁଖ ଦାବିପତ୍ରରେ ଚେତାବନୀ ଦେଇଛନ୍ତି।

ଉକ୍ତ ଦାବିପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଦାନଗଦି ତହସିଲ ଅଧୀନ ଚାନ୍ଦିଆ ପଞ୍ଚାୟତର ଟାଙ୍ଗରସାହି, ଅରାସାହି, କଚେରିଗାଁ ଏବଂ ଯୋଖପୁରା ପଞ୍ଚାୟତ କୁଢ଼ୁମିସାହିର ଆଦିବାସୀ, ଦଳିତ, ପଛୁଆବର୍ଗର ପ୍ରାୟ ୨୯୨ ପରିବାର ଦୀର୍ଘ ବର୍ଷ ହେଲା ବସବାସ କରୁଛନ୍ତି। କିନ୍ତୁ ଉକ୍ତ ଜାଗା ଉପରେ ଶିଳ୍ପ ସ୍ଥାପନା ପାଇଁ ସରକାର ଯୋଜନା କରିଛନ୍ତି। ହେଲେ ସେମାନଙ୍କୁ କୌଣସି ସୂଚନା ପ୍ରଦାନ ନ କରି କିମ୍ବା ଜନଶୁଣାଣି ନ କରି ଜମି ଅଧିଗ୍ରହଣ କରୁଛନ୍ତି। ଏପରିକି କୌଣସି କ୍ଷତିପୂରଣ

### କଳିଙ୍ଗନଗର ଶିଳ୍ପାଞ୍ଚଳରେ ପୁଣି ଅଶାନ୍ତି


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କ୍ଷତିଗ୍ରସ୍ତ ପରିବାର।

ପ୍ରଦାନ କରାଯାଉ ନାହିଁ। ବିଡ଼ମ୍ବନା ଯେ, କ୍ଷତିଗ୍ରସ୍ତ ଲୋକଙ୍କୁ ଖୋଲା ଆକାଶ ତଳେ ଛାଡି ଦେବାକୁ ଲକ୍ଷ୍ୟ ରଖି କୌଣସି ଥଇଥାନ କରାଯାଉ ନାହିଁ। ୧୯୯୨ ରେ ପ୍ରସ୍ତୁତ କରାଯାଇଥିବା ୨୫ଟି ତାଲିକାକୁ ଆଧାର କରି ଅଧିଗ୍ରହଣ କରାଯାଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ନୂତନ ବିସ୍ଥାପନ ନୀତି ୨୦୦୫ ଅନୁଯାୟୀ ୪୩ଟି ପରିବାରକୁ କୁଢ଼ୁମିସାହି ବିସ୍ଥାପିତ ପରିବାର ଭାବେ ଗ୍ରହଣ କରାଯାଇଥିବା କୁହାଯାଉଛି। କିନ୍ତୁ ଅନ୍ୟ ଗ୍ରାମରେ ଥିବା ୨୫୦ ପରିବାର ବିସ୍ଥାପିତ ହେବାକୁ ଥିବାବେଳେ ସେମାନଙ୍କୁ କୌଣସି ସୂଚନା ଦିଆଯାଇ ନାହିଁ। ବର୍ତ୍ତମାନ ସଂଶୋଧିତ ଜମି ଅଧିଗ୍ରହଣର ଆଇନକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ବଳପୂର୍ବକ ଜମି ଅଧିଗ୍ରହଣ କରାଯାଉଛି। ଉପରୋକ୍ତ କାରଣରୁ ବୁଧବାର ବିନା ସୂଚନାରେ ହେଉଥିବା ଜମି ଅଧିଗ୍ରହଣକୁ କ୍ଷତିଗ୍ରସ୍ତ ଲୋକେ ବିରୋଧ କରିବାରୁ ଆଦିବାସୀ ମହିଳା ଓ ନିରୀହ ନିଷ୍ପାପ ଶିଶୁମାନଙ୍କୁ ପୋଲିସ ଭ୍ୟାନରେ ଟାଙ୍ଗରସାହିରୁ ଜୋର ଜବରଦସ୍ତ ଉଠାଇ ନେଇ ୩ କିମି ଦୂରରେ ଥିବା ମାନତିରା ଗ୍ରାମର ସ୍କୁଲ ଭିତରେ ଅଟକ ରଖାଗଲା। ପ୍ରାୟ ୫ ଘଣ୍ଟା ଅଟକ ରଖି ସନ୍ଧ୍ୟାରେ ସେମାନଙ୍କୁ ଛଡାଗଲା। ପୋଲିସର ଏଭଳି ଆଚରଣରେ କ୍ଷତିଗ୍ରସ୍ତ ଲୋକେ ଆତଙ୍କିତ ହୋଇ ଉଠିଛନ୍ତି। ଭିଟାମାଟି ହରାଇ ବାସହରା ହେବା ଓ ପୋଲିସର ଦମନ ମୂଳକ ନୀତି ପାଇଁ କ୍ଷତିଗ୍ରସ୍ତ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଜମି ଅଧିଗ୍ରହଣ ଆଇନ ଆଧାରରେ ଲିଖିତ ସୂଚନା ପ୍ରଦାନ କରି ଗ୍ରାମସଭାର ଆୟୋଜନ ସହ ଉପଯୁକ୍ତ କ୍ଷତି ପୂରଣ ଦେଇ ପୋଲିସ ଫୋର୍ସ ହଟାଇ ଶାନ୍ତି ଶୃଙ୍ଖଳାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

କଳିଙ୍ଗନଗର,୨୪।୧୧(ଡି.ଏନ.ଏ.)

### ୩୫ ଶିଳ୍ପ ପାଇଁ ଜମି ଚିହ୍ନଟ

କଳିଙ୍ଗନଗର ଶିଳ୍ପାଞ୍ଚଳ ଚାନ୍ଦିଆ ପଞ୍ଚାୟତ ଟାଙ୍ଗରସାହିଠାରେ ୩୫ କ୍ଷୁଦ୍ର ଶିଳ୍ପ ପାଇଁ ଜମି ଚିହ୍ନଟ ନିମନ୍ତେ ଗୁରୁବାର ପ୍ରଶାସନ ଓ ଇଡ୍‌କୋ ଅଧିକାରୀ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥିବାବେଳେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଦ୍ୱିତୀୟ ଦିନରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବା କ୍ଷଣି ଟାଙ୍ଗରସାହିର ଶତାଧିକ ମହିଳା ଓ ପୁରୁଷ ପିଲା ଛୁଆ ଧରି ପହଞ୍ଚି କାମକୁ ବିରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପ୍ରଶାସନ ଗ୍ରାମବାସୀଙ୍କ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଆନ୍ଦୋଳନ ସ୍ଥଗିତ ରହିଥିଲା।

କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଏସ. ଟପ୍ପୋ ଏବଂ ଦାନଗଦି ଅତିରିକ୍ତ ତହସିଲଦାର ନାରାୟଣ ଚନ୍ଦ୍ର ଦୀକ୍ଷିତ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ୨୦୦୫ ଆର୍‌ଆଣ୍ଡଆର୍ ନୀତି ଅନୁଯାୟୀ ବିସ୍ଥାପିତ ହେବାକୁ ଥିବା ଟାଙ୍ଗରସାହି ଗାଁର ୨୯ ପରିବାରକୁ ମାଣତିରାଠାରେ ୧୦ ଡିସିମିଲ ଜମି, ପରିବାରରୁ ଜଣକୁ ଶିଳ୍ପ ସଂସ୍ଥାରେ ଚାକିରି, ଘର ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ଓ ପ୍ରତ୍ୟେକ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ବିରୋଧକୁ ଲକ୍ଷ୍ୟ କରି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ା କଡି କରଯାଇଥିଲା। ଅତିରିକ୍ତ ଏସ୍‌ପି ଏସ୍ ଟପ୍ପୋ, ଯାଖପୁରା ଥାନା ଅଧିକାରୀ ଜଗଦୀଶ କର, ଟମକା ଥାନା ଅଧିକାରୀ ସୁଶାନ୍ତ ପାତ୍ର, ପୋଲିସ ହେଡ୍‌କ୍ୱାର୍ଟରେ ଆଇଆଇସି ସସ୍ମିତା ପାତ୍ରଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ମୁତୟନ ହୋଇଥିଲେ।

# ଅଧ୍ୟାପକ, କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

ପାଣିକୋଇଲି, ୨୪।୧୧ (ଡି.ଏନ୍.ଏ.)

ନିଖିଳ ଓଡ଼ିଶା ୬୬୨ ବର୍ଗ(ଯୁକ୍ତ ୨ ଓ ଯୁକ୍ତ ୩) ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ଯାଜପୁର ଜିଲାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଜରିଆରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ଏଥିରେ ଜିଲା ସଭାପତି ବିଜୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ରାଜ୍ୟ ଉପସଭାପତି କୈଳାସ ଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମହାପାତ୍ର ରାଜ୍ୟ ସରକାରଙ୍କ ଅମୂଳକ ଦରମା ବଢିବା ନିୟମକୁ ବିରୋଧ କରିବା ସହ ଯଦି ଏହି ନିୟମ ଲାଗୁକରାଯାଏ ତେବେ ୬୬୨ବର୍ଗ ଅଧ୍ୟାପକ, କର୍ମଚାରୀଙ୍କ ସମେତ ୧୨୦୦୦ରୁ ଅଧିକ କର୍ମଚାରୀ କ୍ଷତିଗ୍ରସ୍ତ ହେବେ ବୋଲି କହିଥିଲେ। ତେଣୁ ନିଜର ହକ ଫେରିପାଇବାକୁ ହେଲେ ଆମକୁ ଆନ୍ଦୋଳନ କରିବାକୁ ପଡ଼ିବ ବୋଲି ସେ ଚେତାବନୀ ଆହ୍ୱାନ ଦେଇଥିଲେ। ବୈଠକରେ ଯାଜପୁର ଜିଲା ସମ୍ପାଦକ ଅଭିମନ୍ୟୁ ସାହୁ, ମା'ତାରିଣୀ ଉଚ୍ଚ ମାଧ୍ୟମିକ ସ୍କୁଲ୍ ଅଧକ୍ଷ ପାର୍ଥସାରଥୀ ବିଶ୍ୱାଳ, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ଦଳାଇ, ମାନତିରା କଲେଜ ଅଧକ୍ଷ କ୍ଷେତ୍ରବାସୀ ଘଡ଼େଇ, ମୁକୁନ୍ଦ ପାତ୍ର କଲେଜ ଅଧକ୍ଷ ହେମନ୍ତ କୁମାର ଦାସ, ମାର୍କଣ୍ଡପୁର କଲେଜ ଅଧକ୍ଷ ରାଜେଶ କୁମାର କର, ଶ୍ରୀଧର ଶତପଥୀ ଓ ବହୁ ଅଧ୍ୟାପକ ଏବଂ କର୍ମଚାରୀ ଯୋଗଦେଇ ସରକାରଙ୍କ ପାତର ଅନ୍ତର ନୀତିର ପ୍ରତିବାଦ କରିବା ସହ ଏହି ଆଭିମୁଖ୍ୟ ବିରୋଧରେ ଜୋରଦାର ଆନ୍ଦୋଳନ କରିବେ ବୋଲି କହିଥିଲେ। ଶେଷରେ ସଭାପତି ବିଜୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିଧାୟକଙ୍କୁ ଗ୍ରାମ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦାବିପତ୍ର

**ବଡ଼ଚଣା,୨୪।୧୧(ଡି.ଏନ.ଏ.):** ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦାବିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ବଡ଼ଚଣା ଗ୍ରାମ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ତରଫରୁ ବିଧାୟକ ଅମର ପ୍ରସାଦ ଶତପଥୀ ଓ ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳଙ୍କ ମାଧମରେ ରାଜ୍ୟ ସରକାରଙ୍କୁ ୬ଦଫା ଦାବିପତ୍ର ଦିଆଯାଇଛି। ଦରମା ବୃଦ୍ଧି ସହ ଅନ୍ୟ ସମସ୍ୟାର ସମାଧାନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ସଂଘ ସଭାପତି ସୁଶାନ୍ତ ବାରିକ, ସମ୍ପାଦକ ଲକ୍ଷ୍ମଣ ଦଳେଇ, କୋଷାଧକ୍ଷ ଦିବାକର ତରାଇ, ସହସମ୍ପାଦକ ବିଚିତ୍ର ବରାଳ, ଧ୍ରୁବଚରଣ ବଳ, ସୁରେଶ ତରାଇ, କୈଳାସ ଦଳାଇ, ଯାତେନ୍ଦ୍ର ସାହୁ, ମହେନ୍ଦ୍ର ବାରିକ, ଶରତ ମଲିକ, କମଳାକାନ୍ତ ସାହୁ, ଅଶୋକ ମହାରଣା ଓ ହଟକିଶୋର ମଲିକ ପ୍ରମୁଖ ବିଧାୟକ ଶତପଥୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

### ୧୯୬୯ ମ୍ୟାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

**ଯାଜପୁର ସଦର,୨୪।୧୧(ଡି.ଏନ୍.ଏ.):** ଯାଜପୁର ବ୍ଲକ୍ ଅନ୍ତର୍ଗତ ସୁଜନପୁରସ୍ଥିତ ରୁଦ୍ରଚରଣ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୬୯ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ମହାନ୍ତି, ଆର୍ତ୍ତବନ୍ଧୁ ମିଶ୍ର, ଦୁର୍ଗାନିଧି ମହାନ୍ତି, କରୁଣାକର ନାୟକ ପ୍ରମୁଖ ଯୋଗଦେଇ ଗୁରୁ ଶିଷ୍ୟର ପରମ୍ପରା ମହାନ ବୋଲି ମତବ୍ୟକ୍ତ କରିଥିଲେ। ବ୍ୟାଚ୍‌ର ଛାତ୍ରୀଛାତ୍ର ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହ ଭଲ ମନ୍ଦ ବୁଝିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱନାଥ ରାଉଳ, ରବୀନ୍ଦ୍ର ଯେନା, ଗଙ୍ଗାଧର ଦାସ, ଭାସ୍କର ପଣ୍ଡା, ଜୟରାମ ବିଶ୍ୱାଳ, ଶରତ ରାଉତ, ସଲିଳା ବିଶ୍ୱାଳ ଓ ସଞ୍ଜୁଲତା ବିଶ୍ୱାଳ ପ୍ରମୁଖ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଜିଲା ଯୁବ କଂଗ୍ରେସର ଉପସଭାପତି, ସାଧାରଣ ସମ୍ପାଦକ ନିଯୁକ୍ତ

**ଯାଜପୁର ଟାଉନ,୨୪।୧୧(ଡି.ଏନ.ଏ.):** ପ୍ରଦେଶ ଯୁବ କଂଗ୍ରେସ କମିଟି ସଭାପତି ସ୍ମିତରଞ୍ଜନ ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲା ଯୁବ କଂଗ୍ରେସ କମିଟି ସଭାପତି ସନ୍ତୋଷ କୁମାର ବେହେରା ଖାଲି ପଡ଼ିଥିବା ଉପସଭାପତି ଓ ସାଧାରଣ ସମ୍ପାଦକ ନିଯୁକ୍ତି କରିଛନ୍ତି। ଉପସଭାପତି ଭାବେ ଦଶରଥପୁର ବ୍ଲକର ସାଗର ରଞ୍ଜନ ପରିଡ଼ା ଓ ସାଧାରଣ ସମ୍ପାଦକ ଭାବେ ଦାନଗଦି ବ୍ଲକର ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

### ସ୍ୱାମୀ ଯଜ୍ଞେଶ୍ୱର ନନ୍ଦମହାରାଜ ସମ୍ବର୍ଦ୍ଧିତ

**ଚଣ୍ଡିଖୋଲ,୨୪।୧୧(ଡି.ଏନ୍.ଏ.):** ଛତିଆ ସୋଲରସ୍ଥିତ ଉଦାସ ଆଶ୍ରମର ମୁଖ୍ୟ ସ୍ୱାମୀ ଯଜ୍ଞେଶ୍ୱର ନନ୍ଦମହାରାଜଙ୍କୁ ଗତ ବାଲିଯାତ୍ରାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ବର୍ଦ୍ଧିତ କରିଛନ୍ତି। ମହୋଦଧି ଓ ପରିବେଶର ସୁରକ୍ଷା ସହ ସନାତନ ଧର୍ମର ପ୍ରଚାର ଏବଂ ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣକରି ରାଜ୍ୟପାଳ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, ମେୟର ସୁବାସ ସିଂହ, ସିଡିଏ ଚେୟାର ମ୍ୟାନ ଅନିଲ ସାମଲ, ଡ. ସତ୍ୟବ୍ରତ ଛୋଟରାୟ ଓ ଭୁବନାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସେତୁ ନିର୍ମାଣ ପାଇଁ କାଟିଦେଲେ ଶତାଧିକ ଗଛ

କାଳିଆପାଣି,୨୪।୧୧(ଡି.ଏନ.ଏ.)

ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ କାଳିଆପାଣି ପଞ୍ଚାୟତର ଡମଶାଳ ନାଳରେ ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତାର କାଳିଆପାଣିଠାରୁ ଓସ୍ତପାଳକୁ ସଂଯୋଗ ନିମନ୍ତେ ଏକ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଯାଜପୁର ଟାଉନ ଅଞ୍ଚଳର ଜଣେ ଠିକାଦାର ଏହି କାର୍ଯ୍ୟ ହାତେଇଛନ୍ତି। ଏଥିପାଇଁ ବନ ବିଭାଗର ବିନା ଅନୁମତିରେ ଡମଶାଳ ନାଳକୂଳରେ ଥିବା ଶହେରୁ ଉର୍ଦ୍ଧ୍ୱ ଗଛ କାଟି ଦେଇଛନ୍ତି ଠିକାଦାର। ପରେ ସେହି କାଠରେ କ୍ୟାମ୍ପ ନିର୍ମାଣ କରିବା ସହିତ ଏକ ଟ୍ରିପ୍‌ରୁ ଅଧିକ ମୂଲ୍ୟବାନ କାଠ ସେଠାରେ ରଖିଥିବା ଦେଖିବାକୁ ମିଳିଛି। ଫଳରେ ଏହାକୁ ନେଇ ସାଧାରଣରେ ନାନା ପ୍ରତିକ୍ରିୟା ପ୍ରକାଶ ପାଉଛି। ସେଠାରେ


କଟାଯାଇଥିବା ଗଛ।

ପୂର୍ବରୁ ଏକ ପୋଲ ରହିଥିବା ବେଳେ ଆଉ ଏକ ପୋଲ ଠିକ ସେହି ସ୍ଥାନରେ ନିର୍ମାଣ ନିମନ୍ତେ ଗଛ କଟାକୁ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ତେବେ ୨/୩ଦିନ

### ବନ ବିଭାଗ ନୀରବ ଦ୍ରଷ୍ଟା

ଧରି ଠିକାଦାର ଗଛ କାଟି ନଷ୍ଟ କରିଥିଲେ ବି ସେଠାରେ ବନ ବିଭାଗର କେହି ଅଧିକାରୀ ପହଞ୍ଚି ପାରିନାହାନ୍ତି। ଏହାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ଏକ ବର୍ଷ ପୂର୍ବରୁ ଟେଣ୍ଡର ହୋଇଥିବାବେଳେ ଠିକାଦାର ଏବେ କାର୍ଯ୍ୟ ଠିକାଦାର ଆରମ୍ଭ କରିଛନ୍ତି। ତେବେ ଠିକାଦାର କାହା ବଳରେ ଏଭଳି କାର୍ଯ୍ୟ କରିବାର ସାହସ କଲେ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏନେଇ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ରାସୋଳ ଫରେଷ୍ଟର ନରେଶ କୁମାର ଗୁଡୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

# ପିପୁଲ୍‌ସ ପ୍ଲାନ କ୍ୟାମ୍ପେନ ପ୍ରଶିକ୍ଷଣ


ବୈଠକରେ ଉପସ୍ଥିତ ବିଡିଓ, ବ୍ଲକ୍ ଅଧ୍ୟକ୍ଷ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ।

ରସୁଲପୁର,୨୪।୧୧(ଡି.ଏନ.ଏ.)

### ସ୍ୱତନ୍ତ୍ର ଗ୍ରାମସଭାରେ ଯୋଜନା ଖସଡ଼ା ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ

ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ପିପୁଲ୍ସ ପ୍ଲାନ କ୍ୟାମ୍ପେନ(ପିପିସି)କୁ କାର୍ଯ୍ୟକାରୀ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଯୋଜନା କାର୍ଯ୍ୟକରୀ ସକାଶେ ସ୍ୱତନ୍ତ୍ର ଗ୍ରାମସଭା ଉପରେ ଗୁରୁତ୍ୱ ଦିଆଯାଇଛି। ୫ ଡିସେମ୍ବରରେ ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମସଭା କରାଯିବ। ସଭା ଜରିଆରେ ଜାତୀୟ ପଞ୍ଚାୟତ ପୁରସ୍କାର ପାଇଁ ସ୍ଥାନିତ ୯ ଥିମ୍ ପାନୀୟଜଳ, ସ୍ୱାସ୍ଥ୍ୟ, ମହିଳା, ଶିଶୁ, ଯୋଗାଯୋଗ, ପରିମଳ ଆଦି ସମ୍ପର୍କରେ ଆଲୋଚନା କରାଯାଇ ସଂପୃକ୍ତ ବିଷୟ ଉପରେ ପ୍ରକଳ୍ପ ଚୟନ କରାଯିବ। ଗ୍ରାମବାସୀ ସଭାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାକୁ ଅନଲାଇନରେ ଅପଲୋଡ କରାଯାଇ ୩ବର୍ଷ ପାଇଁ ଖସଡ଼ା ପ୍ରସ୍ତୁତ କରାଯିବ। ୯ଟି ଥିମରୁ ସର୍ବ ନିମ୍ନ ଗୋଟିଏ ଓ ସର୍ବାଧିକ ୩ଟି ବିଷୟ ଉପରେ ଆସନ୍ତା ୩ବର୍ଷ ପାଇଁ ପଞ୍ଚାୟତ ପକ୍ଷରୁ ଗୁରୁତ୍ୱ ଦିଆଯିବ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍ଥିରୀକୃତ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଇ ଶତପ୍ରତିଶତ ସଫଳତା ହାସଲ କରିବାକୁ ଗୁରୁତ୍ୱ ଦିଆଯିବାକୁ କୁହାଯାଇଛି। ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବିଡିଓ ଅବନିକାନ୍ତ ସାହୁ, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ କୁମାର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ପଞ୍ଚାୟତରେ ଗ୍ରାମାଞ୍ଚଳ କ୍ରୀଡା ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ କପ୍ ହକି ଆୟୋଜନ ବେଳେ ପ୍ରତ୍ୟେକ ପଞ୍ଚାତୟରେ ନିଜସ୍ୱ ଖେଳକୁ ବିକାଶ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସରପଞ୍ଚମାନେ ପଞ୍ଚାୟତରେ କ୍ରୀଡ଼ା ଆୟୋଜନକୁ ନେଇ ତାଲିକା ପ୍ରସ୍ତୁତ କରାଯାଇଛି।

# ଅଜାଣଠାରେ ପୁଣି ସାପ୍ତାହିକ ହାଟ ଆରମ୍ଭ

ବରୀ,୨୪।୧୧(ଡି.ଏନ.ଏ.)

ବରୀ ବ୍ଲକ୍ ଅଧୀନ ଚନ୍ଦନପୁର ପଞ୍ଚାୟତର ଅଜାଣଠାରେ ପୁଣି ସାପ୍ତାହିକ ହାଟ ଆରମ୍ଭ ହୋଇଛି। ଏହା ବୁଧବାର ଓ ଶନିବାର ପରିଚାଳିତ ହେବ। ହାଟ କମିଟି ସଭ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ରହି ହାଟକୁ ଆସିଥିବା ବ୍ୟବସାୟୀଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ ଯୋଗଦେଇ ବ୍ୟାଗ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ମଲ୍ଲଙ୍କ ସମେତ ସମିତିସଭ୍ୟା ଶୁଭଶ୍ରୀ ସାମନ୍ତରାୟ, ଇନ୍ଦ୍ରମଣୀ ଶାନ୍ତି, ଡ. ନୃସିଂହ ବେହେରା, ଅନିରୁଦ୍ଧ ମଲ୍ଲ, ସତ୍ୟବ୍ରତ ଜେନା, ମନୋଜ ମଲ୍ଲ, ଅଜୟ ରଥ, ଅଜୟ ମଲ୍ଲ, ହରିହର ପଣ୍ଡା ଓ ଉତ୍ତମ କୁମାର ଦାସ ପ୍ରମୁଖ ଯୋଗଦେଇ ବ୍ୟବସାୟୀଙ୍କୁ ଶୃଙ୍ଖଳିତ ଭାବେ ବ୍ୟବସାୟ କରିବା ସହ ଗ୍ରାହକଙ୍କ ସହିତ ଉତ୍ତମ ସମ୍ପର୍କ ରଖିବାକୁ ଅନୁରୋଧ କରିଥିଲେ। ପୂର୍ବରୁ ଏହି ହାଟ ଚାଲିଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ତାହା ବନ୍ଦ ରହିଥିଲା। ଫଳରେ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ଓ ଅଞ୍ଚଳର ଚାଷୀ ଉତ୍ପାଦନ କରୁଥିବା ପନିପରିବା ବିକ୍ରି କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ପୂର୍ବରୁ ହେଉଥିବା ହାଟ ସ୍ଥାନରେ ପୁନଶ୍ଚ ହାଟ ଖୋଲିବାକୁ ନିଷ୍ପତ୍ତି ହୋଇଥିଲା।

# କାର୍ତ୍ତିକେଶ୍ୱର ପୂଜାରେ ଦୁଲୁକୁଚି ଦାନଗଦି



କଳିଙ୍ଗନଗର,୨୪।୧୧(ଡି.ଏନ.ଏ.)

ଦାନଗଦି ହାଟ ପଡ଼ିଆଠାରେ କାର୍ତ୍ତିକେଶ୍ୱର ପୂଜା ପାଳିତ ହେଉଛି। ଏଥିପାଇଁ ସାରା ଅଞ୍ଚଳ ଦୁଲୁକି ଉଠିଛି। ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବଜାରର ଦୁଇ ପାର୍ଶ୍ୱରେ ଆଲୋକ ସାଜସଜା ଉତ୍ସବକୁ ବେସ୍ ଉଲ୍ଲସିତ କରୁଛି। ପୂଜାରେ ବହୁ ମନୋହରୀ ଦୋକାନ, ଚାଟ ଦୋକାନ, ଠୁଙ୍କା ପୁରୀ, ଲଙ୍କା, ପାମ୍ପଡ଼, ପୂଜା ସରଞ୍ଜାମ ଓ ଘରକରଣା ସାମଗ୍ରୀ ଆଦି ଦୋକାନ ପଡ଼ିଛି। ହାଟ ପଡ଼ିଆରେ ଚକ୍ରି ଦୋଳି, ତାର୍ଜନ, ନିକୀ ମାଉସୀ ଓ ବିସ୍କୁଟ ଖାଇଲେ ଧୂଆଁ ବାହାରୁଥିବା ଆଦି ଦୋକାନ ପଡ଼ିଛି। ମେଳାରେ ପ୍ରତିଦିନ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ମନୋରଞ୍ଜନ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା, ଶିଶୁ କଳାକାରଙ୍କୁ ନେଇ ଡ୍ୟାନ୍ସ ପ୍ରୋଗ୍ରାମ ଆୟୋଜନ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କମିଟି ସଭ୍ୟ ରଞ୍ଜନ ସାହୁ, ପଦ୍ମନ ପୋଥାଳ, ତୁଷାର ସାହୁ, ଗଣେଶ୍ୱର ମାଝି, ଫକୀର ଚରଣ ଦାସ, ରବୀନ୍ଦ୍ର ବାରିକ, ଜୀନୁ ଖଟୁଆ ପ୍ରମୁଖ ଉଦ୍ୟୋକ୍ତା ପୂଜାକୁ ସୁଚାରୁ ରୂପେ ପରିଚାଳନା କରୁଥିବା କହିଛନ୍ତି।

# ସାହାସପୁର ମହାବିଦ୍ୟାଳୟରେ ସେମିନାର




ବାଲିଚନ୍ଦ୍ରପୁର,୨୪।୧୧(ସ୍ୱ.ପ୍ର.)

ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଦିଲୀପ କୁମାର ସାମଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭାଗ ମୁଖ୍ୟ ଡ. ପ୍ରତିଭା ପରିଡ଼ା ଓ ଆଶିଷ କୁମାର ମହାପାତ୍ର ଯୋଗଦେଇ ସେମିନାରର ଉଦ୍ଦେଶ୍ୟ ସମ୍ପର୍କରେ ମତପୋଷଣ କରିଥିଲେ। ଡେମୋନେଷ୍ଟ୍ରେଟର ସତ୍ୟାନନ୍ଦ ନାୟକ ଓ ଭୁବନ ମୋହନ ସାମଲ ସେମିନାର ଦ୍ୱାରା ଛାତ୍ରୀଛାତ୍ର କିପରି ବିଭାଗ ସମ୍ବନ୍ଧୀୟ ଅଧିକ ଜ୍ଞାନ ଆହରଣ କରିପାରନ୍ତି ସେ ନେଇ ମତ ରଖିଥିଲେ। ପ୍ରତାପ କୁମାର ଦାସ, ଜ୍ୟୋତିର୍ମୟୀ ନାୟକ, ଶରଦା ପ୍ରସନ୍ନ ମଲ୍ଲ, କ୍ରିତିକା ପରିଡ଼ା, ଜ୍ୟୋତିର୍ମୟୀ ନାୟକ ପ୍ରମୁଖ ଛାତ୍ରୀଛାତ୍ର ଯୋଗଦେଇ ସେମିନାର ଦ୍ୱାରା କିଭଳି ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ଘଟେ ସେ ନେଇ ମତ ରଖିଥିଲେ। ବିଭାଗୀୟ କର୍ମଚାରୀ ଦିଲୀପ ସାମଲ ଓ ରାକେଶ ସାମଲ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ୧୨୦ ପାକ୍ସ, ୩୮ ଏସ୍‌ଏଚ୍‌ଜି କରିବେ ଧାନ ସଂଗ୍ରହ

ଯାଜପୁର ଟାଉନ,୨୪।୧୧(ଡି.ଏନ.ଏ.)

### ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ୨୦୨୨-୨୩ ବର୍ଷ ଖରିଫ୍ ଋତୁ ନିମନ୍ତେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଏବଂ ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁ ଉପସ୍ଥିତ ଥିଲେ।

ବୈଠକରେ ଅଧକ୍ଷତା କରି ଜିଲାପାଳ କହିଥିଲେ, ଚଳିତ ବର୍ଷ ଜିଲାରେ ଅଧିକ ଧାନ ଉତ୍ପାଦନ ନେଇ ସୂଚନା ମିଳିଛି। ଏଣୁ ୨୦୨୩ ଜାନୁୟାରୀ ୪ରୁ ଜିଲାରେ ଧାନ ମଣ୍ଡିମାନ ଖୋଲାଯାଇ ଧାନ କିଣା ଆରମ୍ଭ କରାଯିବ। ଚଳିତ ବର୍ଷ ଜିଲାରେ ୧୨୦ଟି ପାକ୍ସ ଏବଂ ୩୮ ଏସ୍‌ଏଚ୍‌ଜି ମହିଳାଙ୍କ ମାଧ୍ୟମରେ ୮,୬୫,୦୦୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଚଳିତ ବର୍ଷ ୫୩.୮୪୯ ଚାଷୀ ପଞ୍ଜିକୃତ କରିଥିବାବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କା ରହିଛି। ବିଧାୟକ ବଳ କହିଥିଲେ, ଧାନ ସଂଗ୍ରହ ସମୟରେ ଚାଷୀଙ୍କୁ ସର୍ବ ନିମ୍ନ ସୁବିଧା ଯୋଗାଇ ଦେବା ସହ ମଣ୍ଡିରେ ଟେଣ୍ଟ, ପାଣି, ଆଲୋକ ଆଦି ବ୍ୟବସ୍ଥା କରିବା ଦରକାର। ଟୋକନ୍ ପାଇଥିବା ଚାଷୀ ଯେପରି ଧାନ ବିକ୍ରୟରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ବିଧାୟକ ବଳ ପରାମର୍ଶ ଦେଇଛନ୍ତି। ଧାନ ସଂଗ୍ରହର ଅତିରିକ୍ତ ଲକ୍ଷ୍ୟ ପୂରଣ ଦିଗରେ ଯେପରି ଅସୁବିଧା ନ ହୁଏ ସେଥିପାଇଁ ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମକୁ ମିଲରଙ୍କୁ ଆଗୁଆ ଜଣାଇବାକୁ ସମବାୟ ସମିତି ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆର୍‌ଏମ୍‌ସି ସଚିବଙ୍କୁ ପ୍ରତ୍ୟେକ ସେଣ୍ଟରର ସୁବ୍ୟବସ୍ଥା ପାଇଁ ପରାମର୍ଶ ଦେବା ସହ ପୂର୍ବ ବର୍ଷ ଧାନ ସଂଗ୍ରହ ସମୟରେ ଯାହା ସମସ୍ୟା ରହିଥିଲା ତାହା ଦୂରୀକରଣ କରିବାକୁ ଯତ୍ନବାନ ହେବେ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି।

ସରକାରଙ୍କ ଗାଇଡ୍‌ଲାଇନ୍ ମାନି ଯେଉଁ ମିଲର ୨୦୨୧-୨୨ ଆର୍ଥିକ ବର୍ଷର ଧାନ ସଂଗ୍ରହ କରିଥିଲେ, ସେମାନେ ଚଳିତ ଆର୍ଥିକ ବର୍ଷରେ ଧାନ ସଂଗ୍ରହ କରିବାକୁ ଯୋଗ୍ୟ ବିବେଚିତ ହେବେ। ଜିଲାରେ ଧାନ ସଂଗ୍ରହକୁ ସୁଗମ ତଥା ବ୍ୟବସ୍ଥିତ କରିବାକୁ ଅତିରିକ୍ତ ଜିଲାପାଳ ମଲ୍ଲିକଙ୍କୁ ଜିଲା ନୋଡାଲ ଅଫିସର ଭାବେ ଅବସ୍ଥାପିତ କରାଯାଇଥିବାବେଳେ ଜିଲାର ୧୦ ବ୍ଲକ୍ ଓ ୨ ସହରାଞ୍ଚଳରେ ତହସିଲଦାରମାନଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଉପଖଣ୍ଡ ସ୍ତରରେ ଏକ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି। ଏଥିରେ ଉପଜିଲାପାଳ, ଅତିରିକ୍ତ ଯୋଗାଣ ଅଧିକାରୀ, ମେମ୍ବର କନ୍‌ଭେନର ରହିଥିବା ବେଳେ ଜିଲା କୃଷି ଅଧିକାରୀ, ଉପନିବନ୍ଧକ, କୋଅପରେଟିଭ ସୋସାଇଟି, ଜିଲା ସମାଜ ମଙ୍ଗଳ ଅଧିକାରୀ, କମିଟିର ସଦସ୍ୟ ରହିଛନ୍ତି। ପ୍ରାରମ୍ଭରେ ଜିଲା ଯୋଗାଣ ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ପିପିଟି ମାଧ୍ୟମରେ ଚଳିତ ବର୍ଷର ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ, ମିଲର, ଚାଷୀ ଏବଂ ଜିଲା ଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଉଳା ଭଣଜା ମନ୍ଦିରରୁ ଚୋରି: ଥାନାରେ ଅଭିଯୋଗ

ନାଉଗାଁ,୨୪।୧୧(ସ୍ୱ.ପ୍ର.): ନାଉଗାଁ ଥାନା ଗଙ୍ଗଦା ମଉଳାଭଣଜା ମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଛି। ମନ୍ଦିରର ପୂଜକ ଶୁକଦେବ ପଣ୍ଡା ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସେ ସକାଳେ ମନ୍ଦିରକୁ ପୂଜା କରିବାକୁ ଯିବା ବେଳେ ଏହାର ପରିସରରେ ଥିବା ହନୁମାନ ମନ୍ଦିରର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ସେଠାରେ ଥିବା ୨ଟି ହୁଣ୍ଡି ବାକ୍ସ ଭଙ୍ଗା ଯାଇଥିଲା। ଏଥିସହ ୪ ଘଣ୍ଟି ,ଦେବଦେବୀଙ୍କ ପିତଳ ପ୍ରତିମା ସହ ମନ୍ଦିରରେ ଲାଗିଥିବା ସିସିଟିଭିର ହାର୍ଡଡିକ୍ସ ଚୋରି ହୋଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏ ନେଇ ଥାନାରେ ଅଭିଯୋଗ ପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଜରିଆରେ ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଛି। ଏ ନେଇ ଥାନାରେ ନଂ. ୨୬୩/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି।

### ଏସ୍‌ସି, ଏସ୍‌ଟି ନିର୍ଯାତନା ନିରୋଧ ଆଇନ କର୍ମଶାଳା

କେନ୍ଦ୍ରାପଡ଼ା ଅଫିସ, ୨୪।୧୧: କେନ୍ଦ୍ରାପଡ଼ା ସହରର ଗରାପୁରସ୍ଥ ଏକ କଲ୍ୟାଣ ମଣ୍ଡପରେ ଅନୁସୂଚିତ ଜାତି ଓ ଜନ ଜାତି ନିର୍ଯାତନା ନିରୋଧ ଆଇନ ସମ୍ପର୍କରେ ଏକ କର୍ମଶାଳା ଗୁରୁବାର ଆୟୋଜିତ ହୋଇଯାଇଛି। ସେଣ୍ଟର ଫର ଦି ସସଟେନେବୁଲ ୟୁଜ ଅଫ ନ୍ୟାଚୁରାଲ ଆଣ୍ଡ ସୋସିଆଲ ରିସୋର୍ସେସ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ରଣଜିତ ସୂତାର ଅଧକ୍ଷତା କରିଥିଲେ। ଏଥିରେ ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା, ପିପି ଗୋକୁଳ ରଞ୍ଜନ ଦାସ, ଲୋହିଆ ବିଚାର ମଞ୍ଚ ଜିଲା ସଭାପତି ସଂଗ୍ରାମ ମଲ୍ଲିକ, ଆଇନଜୀବୀ ଆଶିଷ କୁମାର ସେନାପତି, ରମଣୀ ରଞ୍ଜନ ରାଉତରାୟ, ପ୍ରଦୀପ ଦାଶ, ଦଳିତ ନେତା ନଗେନ୍ଦ୍ର ଜେନା ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ଏସ୍‌ସି ଏସ୍‌ଟି ନିର୍ଯାତନାର କାରଣ ଓ ଏହାର ନିରାକରଣ ପାଇଁ ଥିବା ଆଇନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେମାନେ କହିଥିଲେ, ଏପରି ସମସ୍ୟାରେ ତଦନ୍ତ ଅଧିକାରୀ ସମୟ ଗଡାଉ ଥିଲେ କିମ୍ବା ଅବହେଳା କରୁଥିଲେ ଦଣ୍ଡ ପ୍ରାବଧାନ ରହିଛି। ଏହାକୁ ଅନୁଷ୍ଠାନର ସଂଯୋଜକ ଚନ୍ଦ୍ରନାଥ ଦାନା ପରିଚାଳନା କରିଥିଲେ।

### ଜାଲ, ଡଙ୍ଗା ପ୍ରଦାନରେ ଅନିୟମିତତା: ମତ୍ସ୍ୟଜୀବୀଙ୍କ ବିକ୍ଷୋଭ

କୁଜଙ୍ଗ,୨୪।୧୧(ଡି.ଏନ୍.ଏ.)

କୁଜଙ୍ଗ ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜାଲ, ଡଙ୍ଗା ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗୁରୁବାର ମତ୍ସ୍ୟଜୀମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କାର୍ଯ୍ୟାଳୟ ସମ୍ମୁଖ ବିକ୍ଷୋଭର ନେତୃତ୍ୱ ହିରଣ୍ୟ ତରାଇ ନେଇଥିଲେ। ମତ୍ସ୍ୟଜୀବୀମାନେ ଏଥିରେ ସାମିଲ ହୋଇ ଅଭିଯୋଗ କରିଥିଲେ ଯେ, ପଞ୍ଜୀକୃତ ମତ୍ସ୍ୟଜୀବୀ (ମେରାଇନ୍ କାର୍ଡ ପାଇଥିବା ବ୍ୟକ୍ତି)ଙ୍କୁ ସରକାର ନୂଆ ଡଙ୍ଗା, ଜାଲ ଓ ଇଞ୍ଜିନ୍ ଯୋଗାଇ ଦେବାକୁ ଯୋଜନା କରିଛନ୍ତି। ଏହି ଯୋଜନାରେ ଅନୁସୂଚିତ ଜାତି ଜନଜାତିର ମତ୍ସ୍ୟଜୀବୀଙ୍କୁ ୬୦ % ରିହାତିରେ ଓ ସାଧାରଣ ବର୍ଗଙ୍କ ପାଇଁ ୪୦% ରିହାତିରେ ଜାଲ ଓ ଡଙ୍ଗା ଯୋଗାଇ ଦେବାକୁ ବ୍ୟବସ୍ଥା ଅଛି। ଏ ନେଇ ପଞ୍ଜୀକୃତ ମତ୍ସ୍ୟଜୀବୀମାନେ ଦରଖାସ୍ତ କଲେ ସେମାନଙ୍କୁ ଯୋଗାଇ ଦିଆଯାଏ। ମାତ୍ର ଦରଖାସ୍ତ ଦେଇ ମାସ ମାସ ବିତି ଯାଇଥିଲେ ମଧ ଜାଲ ଓ ଡ଼ଙ୍ଗା ମିଳିପାରିନାହିଁ। ଅପରପକ୍ଷେ ଅଣ ମତ୍ସ୍ୟଜୀବୀଙ୍କୁ ଏହା ପ୍ରଦାନ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶାନ୍ତନୁ ମହାପାତ୍ର କହିଛନ୍ତି, ଯେଉଁ ମତ୍ସ୍ୟଜୀବୀମାନେ ବିକ୍ଷୋଭ କରୁଛନ୍ତି, ସେମାନଙ୍କ ଦରଖାସ୍ତ ଆବେଦନରେ କୌଣସି ତ୍ରୁଟି ରହିଯାଇଛି। ଦୁଇଦିନ ମଧରେ ଏହାର ତଦନ୍ତ କରାଯାଇ ଡଙ୍ଗା ଓ ଜାଲ ତିଆରି ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ସେ କହିଥିଲେ, ମତ୍ସ୍ୟଜୀବୀମାନେ ଯେଉଁ ଶତକଡ଼ା ୬୦ % ରିହାତି ମାଗୁଛନ୍ତି ତାହା ବର୍ତ୍ତମାନ ନାହିଁ। ସରକାର ୧୦୦ରେ ୨୦ ଜଣଙ୍କୁ ୬୦ % ରିହାତି ଦେଉଥିଲା ବେଳେ ୮୦ ଜଣଙ୍କୁ ୪୦ % ରିହାତି ଦେଉଛନ୍ତି। ଅପରପକ୍ଷେ କୁଜଙ୍ଗ ଅଞ୍ଚଳର ମତ୍ସ୍ୟଜୀବୀଙ୍କ ମଧରେ ଅନସୂଚିତ ଜାତି ଓ ଜନଜାତିର ସଂଖ୍ୟା ଅଧିକ ହୋଇଥିବାରୁ ସେମାନଙ୍କ ମଧରୁ ୮୦ ଭାଗ ଲୋକଙ୍କୁ ଶତକଡ଼ା ୬୦ % ରିହାତି ଦେବାକୁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି। ବିକ୍ଷୋଭରେ ରଞ୍ଜନ ମାଝି, ଉଲ୍ଲାସ ବେହେରା, କୁଳମଣୀ ତରାଇ, ବାଳକୃଷ୍ଣ ବେହେରା, ଅଭୟ ମାଝି, ଚନ୍ଦ୍ରମଣୀ ପରିଡ଼ା, ଘୁଙ୍ଗା ତରାଇ ପ୍ରମୁଖ ୪୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଯୋଗ ଦେଇଥିଲେ।

# ଆଖି ପିଛୁଳାକେ ସବୁ ଖୁସିରେ ପଡ଼ିଲା ଭଙ୍ଗା

**କାର୍ତ୍ତିକେଶ୍ୱର ଭସାଣି ବେଳେ ବାଣ ବିସ୍ଫୋରଣ ଘଟଣା**

- ଆର୍‌ଡିସିଙ୍କୁ ଦିଆଗଲା ଗୁରୁତରଙ୍କ କ୍ଷୟକ୍ଷତି ବିବରଣୀ
- ଜିଲା ପୋଲିସ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ

କେନ୍ଦ୍ରାପଡ଼ା ଅଫିସ/ଡେରାବିଶ, ୨୪।୧୧(ସ୍ୱ.ପ୍ର.)

କାର୍ତ୍ତିକେଶ୍ୱର ମେଢ଼ ଆଗରେ ଡିଜେ ବାଜୁଥିଲା। ଶ୍ରଦ୍ଧାଳୁ ତାଳ ଦେଇ ନାଚୁଥିଲେ। ସିରିଜ ବାଣରେ ନିଆଁ ଲାଗିଲା। ଆଖି ପିଛୁଳାକେ ଗୋଟିଏ ପରେ ଗୋଟିଏ ବାଣ ଫୁଟି ଚାଲିଥିବା ବେଳେ ଏଥିରୁ ବିସ୍ଫୋରିତ ନିଆଁ ଝୁଲ ନିକଟରେ ଥିବା ଗଚ୍ଛିତ ବାଣ ଉପରେ ପଡିଥିଲା। ପରେ ଅଗ୍ନିପିଣ୍ଡୁଳା ପରି ଚାରିଆଡେ ଖେଳାଇ ହୋଇଯାଇଥିଲା। ମାତ୍ର କେଇ ସେକେଣ୍ଡ ମଧରେ ଦର୍ଶକଙ୍କ ଭିତରେ ଦଳାଚକଟା ଆରମ୍ଭ ହୋଇଗଲା। ଶତାଧିକ ଲୋକ ଗୁରୁତର ହେଲେ। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାଲିଆ ବଜାରରେ କାର୍ତ୍ତିକେଶ୍ୱର ମେଢ଼ ଭସାଣି ବୁଧବାର ସନ୍ଧ୍ୟାର ବାଣ ବିସ୍ଫୋରଣ ଆଖି ପିଛୁଳାକେ ସବୁ ଖୁସିରେ ଭଙ୍ଗା ପକାଇ ଦେଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ଗୁରୁବାର କହିଛନ୍ତି। ବାଣ ବିସ୍ଫୋରଣ ସ୍ଥଳରେ ପଡିଥିବା ଚପଲ, ଭାଙ୍ଗି ଯାଇଥିବା ମଣ୍ଡପ ସବୁ କିଛିକୁ ବୟାନ କରୁଛି। ଏତେ ବଡ଼ କ୍ଷତିକୁ କେହି ସହଜରେ ହଜମ କରି ପାରୁନାହାନ୍ତି। ଅପରପକ୍ଷରେ ଘଟଣାସ୍ଥଳରେ ଜିଲା ପୋଲିସ ତଦନ୍ତ ଆରମ୍ଭ କରିଛି। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଏହାର ନେତୃତ୍ୱ ନେଇଛନ୍ତି। ସେହିପରି ଏସ୍‌ସିବିରେ ଥିବା ୩୬ ଜଣ ଗୁରୁତରଙ୍କ ସମ୍ପର୍କରେ ଜିଲା ପ୍ରଶାସନର ତଦନ୍ତ ରିପୋର୍ଟ ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇଙ୍କୁ ଦିଆଯାଇଛି। କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା, କଂଗ୍ରେସର ଜିଲା ସଭାପତି ଅଂଶୁମାନ ମହାନ୍ତି, ଭାଜପା ଜିଲା ସଭାପତି କିଶୋର ଚନ୍ଦ୍ର ପରିଡା, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଜେଡି ନେତା କିଶୋର ଚନ୍ଦ୍ର ତରାଇ, ରାଜେଶ ଦାସ, ଯୁବନେତା ରାଜେଶ ପଣ୍ଡା, ସାମାଜିକ କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲରେ ପହଞ୍ଚି ସହଯୋଗ କରିଛନ୍ତି।

ଏ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ ଖମଳ ଗାଁର ରବୀନ୍ଦ୍ର କୁମାର ମଲ୍ଲିକ, ମେଳକସାହିର କାହ୍ନୁଚରଣ ଦାଶ, ରମେଶ ଚନ୍ଦ୍ର ଲେଙ୍କାଙ୍କ କହିବାନୁଯାୟୀ, ବଜାରର ୪ ମେଢ଼ ଓ ନିକଟସ୍ଥ ଅଞ୍ଚଳର ୪ ମେଢ଼ ଭସାଣି ପୂର୍ବରୁ ବାଲିଆଠାରେ ମେଳଣ ହୁଏ। ପ୍ରସେଶନରେ ନାଚ, ଗୀତ ସହ ବାଣ ପ୍ରତିଯୋଗିତା ହୁଏ। ତେବେ କିଛିବର୍ଷ ପୂର୍ବରୁ ବାଣ ନିଆଁରେ ଘରପୋଡି ଯିବାରୁ ଏହା ବନ୍ଦ ରହିଥିଲା। କରୋନା ସଂକ୍ରମଣ ପରେ ଏହା ସ୍ଥାନୀୟ ଅଞ୍ଚଳରେ ପ୍ରଥମ ଉତ୍ସବ ହୋଇଥିବାରୁ ଏଥର ଜାକଜମକରେ ଭସାଣି ଉତ୍ସବ ଚାଲିଥିଲା। ଏସ୍‌ପି ମଡକର ସନ୍ଦିତ ସମ୍ପଦ କହିଛନ୍ତି, ଭସାଣି ଉତ୍ସବ ପ୍ରସେଶନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥିଲା। ତେବେ ଡିଜେ ଓ ବାଣ ପ୍ରତିଯୋଗିତା ପାଇଁ ବାରଣ କରାଯାଇଥିଲା। ଏପରି କି ଭସାଣି ଉତ୍ସବ ଆରମ୍ଭରୁ ସ୍ଥାନୀୟ ପୋଲିସ ମେଳଣ କର୍ତ୍ତୃପକ୍ଷଙ୍କୁ ସଚେତନ କରାଇଥିଲେ। ଏହି ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ପି ସମ୍ପଦ କହିଛନ୍ତି। ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ଅଧିକାଂଶ ଗୁରୁତରଙ୍କୁ ବୁଧବାର ରାତିରେ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଥିମଧ୍ୟରୁ ୩ ଜଣ ଅଧିକ ଗୁରୁତରଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ମୋଟ ୩୬ଜଣ ସେଠାରେ ଏବେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ କ୍ଷୟକ୍ଷତି ସମ୍ପର୍କରେ ତଦନ୍ତ କରାଯାଇ ଆର୍‌ଡିସିଙ୍କୁ ରିପୋର୍ଟ ଦିଆଯାଇଛି। ଏଥିସହ ରେଡକ୍ରସରୁ କ୍ଷତିଗ୍ରସ୍ତଙ୍କ ପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା ହୋଇଛି। ଏ ନେଇ ସଦର ଥାନା ପୋଲିସ ନିଜ ଆଡୁ କାର୍ତ୍ତିକେଶ୍ୱର ପୂଜା କମିଟିର ୨ ଜଣକର୍ମକର୍ତ୍ତାଙ୍କ ନାମରେ ମାମଲା ରୁଜୁ କରିବା ସହ ୮ଜଣଙ୍କୁ ଉଠାଇ ନେଇ ପଚରାଉଚରା କରୁଛି।


ବାଲିଆ ବଜାରର ବାଣ ବିସ୍ଫୋରଣସ୍ଥଳକୁ ପୋଲିସ ଜଗି ରହିଛି।

## ଏସ୍‌ସିବିରେ ଆହତଙ୍କୁ ଭେଟିଲେ ବିଧାୟକ, ମେୟର


ସିଏମ୍‌ସି ମେୟର ସୁବାସ ସିଂ ଗୁରୁବାର ଏସ୍‌ସିବି ମେଡିକାଲରେ କେନ୍ଦ୍ରାପଡ଼ା ବାଣ ବିସ୍ଫୋରଣରେ ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

କଟକ ଅଫିସ,୨୪।୧୧:

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ ବାଲିଆ ବଜାରରେ ବୁଧବାର କାର୍ତ୍ତିକେଶ୍ୱର ଭସାଣିବେଳେ ବାଣ ବିସ୍ଫୋରଣ ଘଟି ପ୍ରାୟ ୮୦ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩୧ ଜଣଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଆଉ ୩ ଜଣଙ୍କୁ କେନ୍ଦ୍ରାପଡ଼ାରୁ ଅଣାଯିବ ବୋଲି ଜଣାପଡିଛି। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଓ କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂ ଏସ୍‌ସିବି ମେଡିକାଲରେ ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏସ୍‌ସିବିରେ ଥିବା ୩୧ ଜଣଙ୍କ ମଧ୍ୟରେ ୫ ଜଣ ଶିଶୁ ଅଛନ୍ତି। ତେବେ ୧୦ ଆହତଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ସେମାନଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ମେଡିକାଲର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଆହତମାନଙ୍କ ଚିକିତ୍ସା କରୁଛନ୍ତି।



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଗୁରୁବାର ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି, ବାଲିକୁଦା (ଜଗତ୍‌ସିଂହପୁର) ବିକ୍ଷୋଭ କରୁଛନ୍ତି।

## ନଦୀରେ ଭାସିଯାଉଥିବା ବୃଦ୍ଧାଙ୍କୁ ଉଦ୍ଧାର କଲେ ଦୁଇଭାଇ

ଡେରାବିଶ, ୨୪।୧୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ଇନ୍ଦାଳୋ ପଞ୍ଚାୟତ ବାଲିସାହି ଦେଇ ଯାଇଥିବା କରାଣ୍ଡିଆ ନଦୀରେ ଗୁରୁବାର ସନ୍ଧ୍ୟାରେ ଜଣେ ବୃଦ୍ଧା ଭାସି ଯାଉଥିଲେ। ବାଲିସାହି ଗ୍ରାମର ଦୁଇଭାଇ ଗଭୀର ନଦୀ ମଧ୍ୟରୁ ବୃଦ୍ଧାଙ୍କୁ ଉଦ୍ଧାର କରି ନିଜର ସାହାସିକତାର ପରିଚୟ ଦେଇଛନ୍ତି। ସୂଚନା ଅନୁଯାୟୀ, ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଶିଶୁଆ ଗାଁର ଗନ୍ଧର୍ବ ବେହେରାଙ୍କ ସ୍ତ୍ରୀ ସାବିତ୍ରୀ (୭୫) କରାଣ୍ଡିଆ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସି ଯାଇଥିଲା। ସେ ନଦୀରେ ବୁଡ଼ି ଭାସି ଯାଉଥିବା ବେଳେ ଆରପଟେ ଥିବା ବାଲିସାହି ଗ୍ରାମର ୱାର୍ଡସଭ୍ୟ ରମେଶ ବେହେରା ଓ ତାଙ୍କ ଭାଇ ଉମେଶ ନଦୀ ମଧ୍ୟକୁ ଯାଇ ସାବିତ୍ରୀଙ୍କୁ ଉଦ୍ଧାର କରି ନଦୀକୂଳକୁ ଆଣିଥିଲେ। ରମେଶ ଓ ଉମେଶଙ୍କ ଏଭଳି ଦୁଃସାହାସିକ ପଦକ୍ଷେପକୁ ଇନ୍ଦାଳୋ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ସାମାଜିକ କର୍ମୀ ପ୍ରଶାନ୍ତ ସାମନ୍ତରାୟ ଓ ସମବାୟବିତ୍ ସୁଧାଂଶୁ ଭୂଷଣ ସାମନ୍ତରାୟଙ୍କ ସମେତ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। ଉଦ୍ଧାର ହୋଇଥିବା ସାବିତ୍ରୀ ଏବେ ସୁସ୍ଥ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ପରିବର୍ତ୍ତନର ଅନ୍ୟନାମ ସମବାୟ ଆନ୍ଦୋଳନ


କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭର ସଭାରେ ଉପସ୍ଥିତ ଅତିଥିମାନେ।

**କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟଭ ସୋସାଇଟିର ସଭା**

କେନ୍ଦ୍ରାପଡ଼ା ଅଫିସ, ୨୪।୧୧

ସହରର ଇଚ୍ଛାପୁରସ୍ଥ ଯାତ୍ରୀ ନିବାସ ପରିସରରେ କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟିର ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ ଯୋଗଦେଇ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ପାଇଁ ସମବାୟ ଆନ୍ଦୋଳନରେ ସାମିଲ ହେବା ଜରୁରୀ ବୋଲି ଦର୍ଶାଇଛନ୍ତି। ସେ କହିଥିଲେ, ଉପକୂଳବର୍ତ୍ତୀ ୪ ଜିଲାରେ ଏହି ସୋସାଇଟି କାର୍ଯ୍ୟ କରୁଛି। ଏଥିରେ ଥିବା ସଦସ୍ୟମାନେ ସମବାୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ଓ ଜିଲାର ଆର୍ଥିକସ୍ଥିତି ଉନ୍ନତିରେ ସହାୟକ ହୋଇଛନ୍ତି। ସେହିପରି ସୋସାଇଟି ପକ୍ଷରୁ ଆର୍ଥିକ ଦୁସ୍ଥିତି ପରିବାରକୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ଅସହାୟଙ୍କୁ ସହଯୋଗ କରି ଆସିଛି। ବିଭିନ୍ନ ବର୍ଗର ପ୍ରତିଭାଙ୍କୁ ଚିହ୍ନଟ କରାଯାଇ ପ୍ରୋତ୍ସାହିତ କରାଯାଉଛି। ଏହି ସଭାରେ ସମ୍ପାଦକ ପ୍ରହ୍ଲାଦ ସାହୁ ବାର୍ଷିକ ବିବରଣୀ ଉପସ୍ଥାପିତ କରିବା ସହ ସୋସାଇଟି ଏବେ ମାନ୍ୟତାରେ 'ଏ' ଗ୍ରେଡରେ ଥିବା ସୂଚନା ଦେଇଥିଲେ। ଉପସଭାନେତ୍ରୀ ସାବନା ପରଭିନ ନିର୍ଦ୍ଦେଶକ କୈଳାସ ବେହେରା, ସୁଶାନ୍ତ ମହାରଣା, ଦିଲୀପ ପାତ୍ର, ଦିଲୀପ ରାଉତ, ଅନୁସୂୟା ସାମଲ, ସେକ୍ ରିଆଦତ, ପ୍ରଫୁଲ୍ଲ ମିସ୍ତ୍ରି ପ୍ରମୁଖ ଏଠାରେ ସମବାୟ ଆନ୍ଦୋଳନ ସମ୍ପର୍କରେ ମତ ରଖିଥିଲେ। ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ସାଧାରଣ ପରିଚାଳକ ମନୋଜ ସାହୁ, ବରିଷ୍ଠ ପରିଚାଳକ ରମେଶ ଚନ୍ଦ୍ର ସେଠୀ, ପଙ୍କଜ ମଲ୍ଲିକ, ଶାନ୍ତନୁ ପଣ୍ଡା ପମୁଖ ଏହି ସଭାକୁ ପରିଚାଳନା କରିଥିଲେ।

## ଗୃହ ନ କଲେ ଫେରିଯିବ ଅନୁଦାନ

**ପଟ୍ଟାମୁଣ୍ଡାଇ ପୌର ପରିଷଦ**

ପଟ୍ଟାମୁଣ୍ଡାଇ,୨୪।୧୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌର ପରିଷଦରେ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ର ସ୍ଥିତିକୁ ନେଇ ଉଚ୍ଚପଦସ୍ଥ ଅଧିକାରୀ ଟିମ୍ ଗୁରୁବାର ସମୀକ୍ଷା କରିଛନ୍ତି। ପରିଷଦର ସଭ୍ୟମାନେ ପୌରାଞ୍ଚଳର ୱାର୍ଡକୁ ଯାଇ ସିଧାସଳଖ ହିତାଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ପୌର ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମୀକ୍ଷା ବୈଠକରେ ଓଡ଼ିଶା ଅର୍ବାନ ହାଉସିଂ ମିଶନର ଏସ୍‌ଏଲ୍‌ଟିସି ପାର୍ଥସାରଥୀ ସାହୁ ଯୋଗଦେଇ ପିଏମ୍‌ଏୱାଇ ନିୟମାବଳୀ, ହିତାଧିକାରୀ ଚୟନଠାରୁ ଆରମ୍ଭ କରି ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ଆଲୋକପାତ କରିଥିଲେ। ଏଥିରେ ପୌର ଉପାଧ୍ୟକ୍ଷା ପ୍ରତିନିଧି କିଶୋର କୁମାର ସାହୁ, କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ସାନିଆ ପରମିନ, ପ୍ରିୟଙ୍କା ସେଠୀ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗଦେଇ ଏହି ଯୋଜନାରେ ନିଜ ୱାର୍ଡର ହିତାଧିକାରୀଙ୍କ ସ୍ଥିତି ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦର ୨୦ଟି ୱାର୍ଡରେ ୩୫୪୫ ହିତାଧିକାରୀ ଥିବାବେଳେ ୨୧୪୧ ଜଣ ଆବାସ ଗୃହ ସମ୍ପୂର୍ଣ୍ଣ କରିଥିବାବେଳେ ୪୨୯ ଜଣ ଛାତ ପତନ ପର୍ଯ୍ୟନ୍ତ କାମ କରିଛନ୍ତି। ୨୪୬ ଜଣ ନିମଟଲ ପର୍ଯ୍ୟନ୍ତ କରିଥିବାବେଳେ ୧୧୧ଜଣ ଫାଉଣ୍ଡେଶନ ପକାଇଛନ୍ତି। ୨୯୪ଜଣ ଆଦୌ ଆବାସ ଗୃହ ନିର୍ମାଣ କରି ନ ଥିବା ଜଣାପଡିଥିଲା। ଓଡ଼ିଶା ଅର୍ବାନ ହାଉସିଂ ମିଶନର ଏସ୍‌ଏଲ୍‌ଟିସି ସାହୁ ଠିକଣା ଭାବେ ନିର୍ଦ୍ଧାରୀତ ସମୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ନ ହେଲେ ଆଗାମୀଦିନରେ ଏହି ପୌର ପରିଷଦକୁ ଆଦୌ ଆବାସ ଯୋଜନା ଅର୍ଥ ମଞ୍ଜୁର କରାଯିବ ନାହିଁ। ଏଥିସହ ପୌର ପରିଷଦକୁ ଆସିଥିବା ଅନୁଦାନ ରାଶି ସରକାର ଫେରାଇ ନେବାକୁ ବାଧ ହେବେ। ଆବାସ ଯୋଜନାରେ ବର୍ଷ ବର୍ଷ ଧରି ଆଦୌ ଘର କରି ନ ଥିବା ହିତାଧିକାରୀଙ୍କ କାର୍ଯ୍ୟାଦେଶ ବାତିଲ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସିଏଲ୍‌ଟିସି ଅରବିନ୍ଦ ପରିଡା, ପଟ୍ଟାମୁଣ୍ଡାଇ ପୌର ପରିଷଦର ବିଜୟ ସ୍ୱାଇଁ, ରାଜକିଶୋର ଦାସ, ଅଭୟ ଦାଶ ଓ ସରୋଜ ପଣ୍ଡା ପ୍ରମୁଖ କର୍ମଚାରୀ ଯୋଗଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।


ପୌର ପରିଷଦ ସମୀକ୍ଷା ବୈଠକରେ ପୌରାଧ୍ୟକ୍ଷ ହେମନ୍ତ ସାହୁ ଓ ଅନ୍ୟମାନେ।

## ବିସି କଲେଜରେ ନୂତନ ଭୋଟର ସଚେତନତା କାର୍ଯ୍ୟକ୍ରମ

ରଘୁନାଥପୁର,୨୪।୧୧(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ନୂତନ ଭୋଟର ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ସଭାପତିତ୍ୱ କରି ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନୂତନ ଭୋଟର ହେବାକୁ ପରାମର୍ଶ ଦେବା ସହ ଏଥିପାଇଁ ସମସ୍ତଙ୍କ ମନରେ ଉତ୍ସାହ ସୃଷ୍ଟି ହେବା ଉଚିତ ବୋଲି କହିଥିଲେ। ସେହିପରି ତହସିଲଦାର ରୂପାଲିକା ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟରଙ୍କ ଭୂମିକା ସମ୍ପର୍କିତ ତଥ୍ୟ ରଖିଥିଲେ। ଅଧାପିକା ସ୍ମିତାରାଣୀ ପ୍ରଧାନ, ଯାଜ୍ଞସେନୀ ରାଉତ, ସୁଜାତା ଦାସ,ସୌମ୍ୟା ମହାନ୍ତି, ଶାଶ୍ୱତି ନନ୍ଦ, ସ୍ୱାଗତିକା ଦାସ, ବଳରାମ ପାଳ ଓ ଗଦାଧର ପାଣି ଏ ସମ୍ପର୍କରେ ମତାମତ ରଖିଥିଲେ। ଅଧାପକ ନାରାୟଣ ରଥ ମୋବାଇଲରେ ଭୋଟର ଆପ୍ ଜରିଆରେ କିପରି ଏହା କରାଯାଇପାରିବ ବୁଝାଇଥିଲେ। ଅଧାପକ ପ୍ରତାପ ଲେଙ୍କା ଅତିଥି ପରିଚୟ ଓ ଛାତ୍ରୀ ପ୍ରଜ୍ଞାପ୍ରତିଭା ଦାସ ଧନ୍ୟବାଦ ଦେଇଥିଲେ।

## ପିଏମ୍‌ଏୱାଇ କର୍ମଶାଳା, ଜନଶୁଣାଣି


କର୍ମଶାଳାରେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ଅନ୍ୟମାନେ।

**ଜଗତ୍‌ସିଂହପୁର ପୌର ପରିଷଦ**

ଜଗତ୍‌ସିଂହପୁର ଅଫିସ୍, ୨୪।୧୧

ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସ୍ଥାନୀୟ ମାର୍କଣ୍ଡପୁରସ୍ଥିତ ବିଜୁ ଆଦର୍ଶ କଲୋନୀ ପରିଚୟ ଗୃହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) କର୍ମଶାଳା ଓ ଜନ ଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତଙ୍କ ପାଇଁ ବାସଗୃହ ଯୋଗାଇବା ଓ ଲୋକଙ୍କ ବିଭିନ୍ନ ସମସ୍ୟାର ଜନଶୁଣାଣି ହୋଇଥିଲା। ସତ୍ୟନାରାୟଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ପୌର ଯନ୍ତ୍ରୀ ବ୍ରଜେନ ଦାସ, ପୌରାଞ୍ଚଳର କାଉନ୍‌ସିଲର, ଆବାସ ଯୋଜନା କାର୍ଯ୍ୟକାରିତାରେ ନିୟୋଜିତ କର୍ମଚାରୀଙ୍କ ସହ ରାଜ୍ୟ ସରକାରଙ୍କ ଲାଇଫ ଏକାଡେମୀ ଅଫ ଭୋକେସନାଲ ଷ୍ଟଡି ସଂସ୍ଥାର ଅକ୍ଷୟ ମହାପାତ୍ର ଯୋଗ ଦେଇଥିଲେ। କର୍ମଶାଳାରେ ୨୦୨୦-୨୧ ରେ ଗୃହ ପାଇଥିବା ୧୨୭ ହିତାଧିକାରୀ ସାମିଲ ହୋଇଥିଲେ ।

## ବସ୍ ଧକ୍କାରେ ଯୁବକ ମୃତ: କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଯାନବାହନ ଚଳାଚଳ ୫ ଘଣ୍ଟା ବାଧାପ୍ରାପ୍ତ**

ନାଉଗାଁ,୨୪।୧୧(ସ୍ୱ.ପ୍ର)

ନାଉଗାଁ ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଖଇରାବସ୍ତ ଗ୍ରାମସ୍ଥିତ ମୁଣ୍ଡାଳ ବଜାର ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବ୍ରଜେଶ ରୋଶନ ରାୟ। ଏନେଇ ଉତ୍ତ୍ୟକ୍ତ ଲୋକେ ଶିଖର-ବାଲିଭଉଁରୀ ମୁଖ୍ୟ ରାସ୍ତାର ଖଇରା ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବ୍ରଜେଶ ସକାଳୁ ମୁଣ୍ଡାଳ ବଜାରରୁ ଜଳଖିଆ ଆଣି ଘରକୁ ଚାଲି ଚାଲି ଆସୁଥିଲେ। ଏହି ସମୟରେ ଜଗତସିଂହପୁରରୁ ନାଉଗାଁ ଅଭିମୁଖେ ଆସୁଥିବା ଏକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବ୍ରଜେଶଙ୍କ ମୃତ୍ୟୁ ଘଟିଛି। ଏହାପରେ ବସ୍‌ଟି ଚାଳକ ଥାନାରେ ଆତ୍ମ ସମର୍ପଣ କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ସରପଞ୍ଚ ଦୋଳ ଗୋବିନ୍ଦ ରାଉଳ, ସୁଶ୍ରୀଶ୍ରାବଣୀ ରାୟ, ସାମାଜିକ କର୍ମୀ ସୁବ୍ରତ ରାୟ, ଲଳାଟେନ୍ଦୁ ରାୟ, ପ୍ରତାପ କେଶୋରୀ ରାୟ ପ୍ରମୁଖ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଥାନାଧିକାରୀ ଅନିରୁଦ୍ଧ ନାୟକ, ବିଡିଓ ରଶ୍ମିରେଖା ମଲିକ, ତହସିଲଦାର ଜେ.କଳ୍ପନା ପ୍ରମୁଖ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏହି ଅବସରରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ହୋଇଥିଲା। ପରେ ଘଟଣାସ୍ଥଳରେ ଜଗତ୍‌ସିଂହପୁର ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂ, ଘରୋଇ ବସ୍‌ମାଲିକ ସଂଘ ଜଗତ୍‌ସିଂହପୁର ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ ପହଞ୍ଚି ଆନ୍ଦୋଳନକାରୀ ସହ ଆଲୋଚନା କରିଥିଲେ। ଶୁକ୍ରବାର ଧକ୍କା ଦେଇଥିବା ବସ୍ ମାଲିକ ଥାନାକୁ ଆସିବା ପରେ ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏସମ୍ପର୍କରେ ବ୍ରଜେଶଙ୍କ ମା' ନମିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୬୨/୨୨) ରୁଜୁ କରି ଅଭିଯୁକ୍ତ ବସ୍ ଚାଳକଙ୍କୁ ଥାନାରେ ଅଟକ ରଖିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।


ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକ ରାସ୍ତା ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ନେଲା ଶିଶୁପୁତ୍ର ଜୀବନ

**ନୟାଗଡ଼ ଅଫିସ, ୨୪।୧୧:** ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ୧୦ମାସର ଶିଶୁପୁତ୍ରର ବୁଧବାର ରାତିରେ ମୃତ୍ୟୁ ଘଟିବା ଘଟଣା ଦଶପଲ୍ଲା ସହର ୩ ନଂ. ୱାର୍ଡ ଅଧୀନ ଥୋଡିଆ ମାଳିସାହି ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ଥୋଡିଆ ମାଳିସାହି ଗାଁର ପଙ୍କଜ ସାହୁଙ୍କ ପରିବାର ଖାଇ ସାରିବା ପରେ ରାତିରେ ବିଶ୍ରାମ ନେଇଥିଲେ। ଘରେ ଫ୍ୟାନ ବୁଲୁଥିଲା। ରାତିରେ ଶିଶୁପୁତ୍ର ନିଦରୁ ଉଠି ଫ୍ୟାନର ଥ୍ରିପିନ୍‌ରେ ହାତ ପୁରାଇ ଦେଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅଟକ ପରେ ଖସିଲେ ସାଇବର ଠକ

**ନୟାଗଡ଼ ଅଫିସ, ୨୪।୧୧:** ନୟାଗଡ଼ ଜିଲାର ଗୋଡିପଡା ଫାଣ୍ଡି ପୋଲିସ ୪ଜଣ ସାଇବର ଠକଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା। ତେବେ ଚାପରେ ଚେପା ହୋଇ ପୋଲିସ ସାଇବର ଠକଙ୍କୁ ଛାଡି ଦେଇଥିବା ଅଭିଯୋଗ ହୋଇଛି। ବୁଧବାର ରାତିରୁ ଗୋଡିପଡା ଅଞ୍ଚଳର ୪ଜଣ ଯୁବକଙ୍କୁ ପୋଲିସ ଉଠାଇ ଆଣି ଫାଣ୍ଡିରେ ବସାଇ ଥିଲା। ଗୁରୁବାର ପୂର୍ବାହ୍ନରେ ଛାଡି ଦେଇଥିଲା। ପୁଣି ଅଟକ କରି ଥାନାରେ ବସାଇଲା। ପରେ ପୁଣି ଛାଡିଦେଲା। ପୋଲିସର ସାଇବର ଠକ ପ୍ରତି ଅନୁକମ୍ପାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୁଣି ପୋଲିସର କାର୍ଯ୍ୟକଳାପ ମଧ ସନ୍ଦେହ ଘେରକୁ ଟାଣି ହୋଇଛି। ଏନେଇ ଗୋଡିପଡା ଫାଣ୍ଡି ଅଧିକାରୀ ଏମଡି ହାଇଦର ଅଲ୍ଲୀ କୁହନ୍ତି,ଅଟକ ଯୁବକ ସାଇବର ଠକ ନୁହେଁ। ସେମାନେ ନିଶାସକ୍ତ ଥିଲେ। ତଦନ୍ତ ପରେ ଏହା ଜଣା ପଡିବାରୁ ଅଟକ ଯୁବକଙ୍କୁ ଛାଡି ଦିଆଯାଇଛି ବୋଲି ସେ ସଫେଇ ଦେଇଛନ୍ତି।

### ଟିବି ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ

**ନୟାଗଡ଼ ଅଫିସ,୨୪।୧୧:** ଗମ୍ଭାରିଡ଼ିହି କଲ୍ୟାଣୀ ମଣ୍ଡପଠାରେ ନୟାଗଡ଼ ବ୍ଲକର ପ୍ରଥମେ ଟିବି ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କଲେ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପନୀଳିମା ଲାକ୍ରା। ସେହିପରି ଲାଠିପଡା ମେଡ଼ିକାଲ ଅଫିସର ଡାକ୍ତର ଲୋରେନ କୁମାର ସାହୁ, ଫାର୍ମାସିଷ୍ଟ ଚିତ୍ତରଞ୍ଜନ ସାହୁ ଅନୁରୂପ ଟିବି ରୋଗୀକୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କୁ ପୃଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।

### ସାଗର ପୋଖରୀରେ ଆପଦ ମିତ୍ରଙ୍କୁ ତାଲିମ

**ନୟାଗଡ଼ ଅଫିସ, ୨୪।୧୧:** ନୟାଗଡ଼ ସହରର ସାଗର ପୋଖରୀରେ ଆପଦ ମିତ୍ରଙ୍କୁ ଗୁରୁବାର ତାଲିମ ପ୍ରଦାନ କରାଯାଉଛି। ଓସମା ପକ୍ଷରୁ ଆସିଥିବା ୯ଜଣ ରିସୋର୍ସ ପର୍ସନ ଏହି ତାଲିମ ଦେଉଛନ୍ତି। ଜାତୀୟ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଆପଦ ମିତ୍ର ତାଲିମ କାର୍ଯ୍ୟକ୍ରମ ଗତ ୧୮ ତାରିଖରେ ନୟାଗଡ଼ ଜିଲାରେ ଉଦ୍‌ଘାଟିତ ହୋଇଥିଲା। ଏହାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିଥିଲେ। ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ନୟାଗଡ଼ଙ୍କ ପକ୍ଷରୁ ଚାଲୁ ରହିଥିବା ଏହି ତାଲିମ କାର୍ଯ୍ୟକ୍ରମ ନଭେମ୍ବର ୨୯ରେ ଶେଷ ହେବ। ପ୍ରତି ବ୍ୟାଚରେ ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି। ୫ଟି ବ୍ୟାଚ୍‌ରେ ୨୦୦ ସ୍ୱେଚ୍ଛାସେବୀ ତାଲିମ ନେବେ। ଜିଲାରେ ବିପର୍ଯ୍ୟୟ ସମୟରେ ଏହି ତାଲିମ ପ୍ରାପ୍ତ ଆପଦ ମିତ୍ର ସହଯୋଗର ହାତ ବଢ଼ାଇ ସେବା ଯୋଗାଇବେ। ତାଲିମ ସମୟରେ ଏମାନଙ୍କର ରହିବା, ଖାଇବା ମାଗଣାରେ ଯୋଗାଇ ଦିଆଯାଇଛି।

### ଷ୍ଟାଡିୟମରେ ହେବ ନୟାଗଡ଼ ଜିଲା ମହୋତ୍ସବ

**ନୟାଗଡ଼ ଅଫିସ, ୨୪।୧୧:** ନୟାଗଡ଼ ଜିଲା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ସ୍ଥାନ ବଦଳିଛି। ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍) ବଦଳରେ ଏହା ନିକଟସ୍ଥ ନୟାଗଡ଼ ଷ୍ଟାଡିୟମରେ ନୟାଗଡ଼ ଜିଲା ମହୋତ୍ସବ କରିବାକୁ ସ୍ଥାନ ଚିହ୍ନଟ ହୋଇଛି। ପିଟିଏସ୍ ପଡ଼ିଆରେ ମହୋତ୍ସବ ହେବା ନେଇ ଆଶଙ୍କା ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ନୂଆ ସ୍ଥାନ ଚିହ୍ନଟ କରାଯାଇ ଚୂଡ଼ାନ୍ତ କରାଯାଇଛି। ମହୋତ୍ସବ ଡିସେମ୍ବର ୨୪ରୁ ୫ ଦିନ ହେବାର ରହିଛି। ତେବେ ଗତ ୨୨ରୁ ୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନୂଆ କରି ନିଯୁକ୍ତି ପାଇଥିବା ଏଏସ୍‌ଆଇମାନଙ୍କ ତାଲିମ ଆରମ୍ଭ ହୋଇଯାଇଥିବାରୁ ସ୍ଥାନ ବଦଳିବାର ଆବଶ୍ୟକତା ପଡିଥିଲା।

# ସିଡିଏମ୍‌ଓଙ୍କୁ ଭେଟିଲେ ଜନପ୍ରତିନିଧି

- ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚରେ ବିଳମ୍ବକୁ ନେଇ ଅସନ୍ତୋଷ
- ନୂଆ ଭତ୍ତା ଦେଇ ପାରୁନି ନୟାଗଡ଼ ବ୍ଲକ

**ନୟାଗଡ଼ ଅଫିସ, ୨୪।୧୧**

ଭିନ୍ନକ୍ଷମ ପ୍ରମାଣ ପତ୍ର ଯାଞ୍ଚରେ ବିଳମ୍ବକୁ ଅସନ୍ତୋଷ ବ୍ୟକ୍ତ କରି ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରୀୟା ସାହୁ, ଜିଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ସୁବାସ ଚନ୍ଦ୍ର କଅଁର, ଆଶିଷ କୁମାର ଅଗ୍ରୱାଲ, ନୟାଗଡ଼ ବ୍ଲକର ସରପଞ୍ଚ, ସମିତି ସଭ୍ୟମାନେ ଭାଗ ନେଇଥିଲେ। ଅଭିଯୋଗ ଅନୁସାରେ ଭିନ୍ନକ୍ଷମମାନେ ଭତ୍ତା ପାଇବା ପାଇଁ ସେମାନଙ୍କର କାଗଜାତ ଧରି ନୟାଗଡ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ତେବେ ଭିନ୍ନକ୍ଷମ ପ୍ରମାଣ ପତ୍ର ଠିକ ଅଛି କି ନାଁ ସତ୍ୟତା ଜାଣିବା ପାଇଁ ବ୍ଲକ ପକ୍ଷରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତେବେ ୧ମାସ ବିତି ଯାଇଥିଲେ ମଧ ସିଡିଏମ୍‌ଓ ଅଫିସ ପକ୍ଷରୁ କିଛି ଉତ୍ତର ମିଳିଲା ନାହିଁ। ସେପଟେ ଭତ୍ତା ଓ ଅନ୍ୟ ସରକାରୀ ସୁବିଧାସୁଯୋଗ ପାଇବା ପାଇଁ ଭିନ୍ନକ୍ଷମ ମାନେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ରିପୋର୍ଟ ଆସିନି କହି ବ୍ଲକ ପକ୍ଷରୁ ସମୟ ଗଡା ଚାଲିଛି। ଏଭଳିସ୍ଥଳେ ଗୁରୁବାର ଲୋକପ୍ରତିନିଧିମାନେ ସିଡିଏମଓଙ୍କୁ ଭେଟି ସଠିକ ସମୟରେ ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଇଟାମାଟି ଜିଲା ପରିଷଦ ଜୋନର ବଡ ପଣ୍ଡୁସର ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଫ ନର୍ସ ନ ଥିବା ସମ୍ପର୍କରେ ଅନୁରୂପ ଅଭିଯୋଗ କରିଛନ୍ତି।

ଭିନ୍ନକ୍ଷମ ପ୍ରମାଣ ପତ୍ର ସଂଗ୍ରହ କରି ଭତ୍ତା ପରି ସରକାରୀ ସୁବିଧା ସୁଯୋଗକୁ ସକ୍ଷମମାନେ ଲୁଟି ଚାଲିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଭିନ୍ନକ୍ଷମ ପ୍ରମାଣ ପତ୍ର ଦିଆଯାଉଥିଲେହେଁ ଧରାଧରି କେତେଜଣ ବ୍ୟକ୍ତି ଭିନ୍ନକ୍ଷମ ପ୍ରମାଣ ପତ୍ର ସଂଗ୍ରହ କରୁଛନ୍ତି। ଆଉ କେତେଜଣ ଲୋକ ନକଲି ପ୍ରମାଣ ପତ୍ର ହାତେଇ ମଧ ସରକାରୀ ସୁବିଧାସୁଯୋଗ ନେଉଛନ୍ତି। ଏଭଳିସ୍ଥଳେ ବ୍ଲକ ପକ୍ଷରୁ ଭିନ୍ନକ୍ଷମ ପ୍ରମାଣ ପତ୍ର ଯାଞ୍ଚ କରି ହିତାଧିକାରୀଙ୍କୁ ସରକାରୀ ସୁବିଧା ସୁଯୋଗ ଦେବାର ପ୍ରଚେଷ୍ଟା ସ୍ୱାଗତ ଯୋଗ୍ୟ ବୋଲି ମତ ପ୍ରକାଶ ପାଇଛି। ଯେଉଁମାନେ ଜାଲିଆତି କରି ପ୍ରମାଣ ପତ୍ର ହାତେଇଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ନୟାଗଡ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ କୁହନ୍ତି, ଭିନ୍ନକ୍ଷମଙ୍କୁ ହଇରାଣ କରିବା ଆମର ଉଦ୍ଦେଶ୍ୟ ନୁହେଁ। ତେବେ ସରକାରୀ ନୀତି ନିୟମ ଭିତରେ ଭିନ୍ନକ୍ଷମମାନେ ଯେପରି ଶୀଘ୍ର ସେମାନଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣ ଯୋଜନା ହାତେଇବେ ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି। ଏନେଇ ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଭିନ୍ନକ୍ଷମ ପ୍ରମାଣ ପତ୍ର ଯାଞ୍ଚ ପାଇଁ ନୟାଗଡ଼ ବିଡିଓ ଚିଠି କରିବା ଜଣାପଡିଛି। ହେଲେ ଆବଶ୍ୟକୀୟ କର୍ମଚାରୀ ନ ଥିବାରୁ ଯାଞ୍ଚ କରିବାରେ ବିଳମ୍ବ ହୋଇଛି। ତେବେ ଏ କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ପଦକ୍ଷେପ ନିଆଯାଉଛି।


ଜନପ୍ରତିନିଧିମାନେ ସିଡିଏମ୍‌ଓଙ୍କ ସହ ଆଲୋଚନା କରୁଛନ୍ତି।

# ଗର୍ଭବତୀ ପ୍ରାଣ ହରାଇଲେ

## ଚିକିତ୍ସାରେ ଅବହେଳା କରି ରେଫର ଅଭିଯୋଗ

**ନୟାଗଡ ଅଫିସ, ୨୪।୧୧**

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରୁ ରେଫର ହୋଇଥିବା ନୟାଗଡ ବ୍ଲକ ଇକିରି ଗାଁର ମିକି ଦାସଙ୍କର ମୃତ୍ୟୁ ହୋଇଛି। ଗର୍ଭବେଦନା ବଢ଼ିବାରୁ ବୁଧବାର ରାତିରେ ଇକିରି ଗାଁର ଧନଞ୍ଜୟ ଦାସଙ୍କ ସ୍ତ୍ରୀ ମିକି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତେବେ ମିକିଙ୍କ ଅବସ୍ଥା ଗୁରୁତର ଦର୍ଶାଇ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ମିକି ବାଟରେ ନା କ୍ୟାପିଟାଲ ହସ୍ପିଲାଲରେ ମରିଛନ୍ତି ତାହା ଜଣା ପଡିନି। ତେବେ ଚିକିତ୍ସାରେ ଅବହେଳା କର ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ତାଙ୍କୁ ରେଫର କରିଦେଇଥିବାର ଅଭିଯୋଗ ହୋଇଛି। ଏଭଳିସ୍ଥଳେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ଏହାର ତଦନ୍ତ କରୁଛନ୍ତି। ଏନେଇ ସିଡିଏମଓ ମକରନ୍ଦ ବେଉରା କୁହନ୍ତି, କେଉଁ ପରିସ୍ଥିତିରେ କିପରି ଓ କାହିଁକି ଗର୍ଭବତୀ ମହିଳାଙ୍କର ମୃତ୍ୟୁ ହୋଇଛି ତାର ତଦନ୍ତ ଚାଲୁ ରହିଛି। ରିପୋର୍ଟ ଆସିବା ପରେ ପରବର୍ତ୍ତି ପଦକ୍ଷେପ ନିଆଯିବବୋଲି କୁହାଯାଇଛି।

# କ୍ଷେତ୍ର ପରିଦର୍ଶନ କଲେ ଜିଲାପାଳ


ମେଗା ପାନୀୟ ଜଳ ପ୍ରକଳ୍ପ ଜିଲାପାଳ ବୁଲି ଦେଖୁଛନ୍ତି।

## ମେଗା ପାନୀୟ ଜଳ ପ୍ରକଳ୍ପ

**ନୟାଗଡ଼ ଅଫିସ, ୨୪।୧୧**

ପାନୀୟ ଜଳ ସଙ୍କଟକୁ ଏଡାଇବା ପାଇଁ ନୟାଗଡ଼, ଖଣ୍ଡପଡ଼ା ଓ ଭାପୁର ବ୍ଲକ ସମେତ ନୂଆଗାଁ ବ୍ଲକର କେତେକ ଅଞ୍ଚଳ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏହି ଅବସରରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକୁ ସମୀକ୍ଷା କରିବା ସହ ଗୁରୁବାର କ୍ଷେତ୍ର ପରିଦର୍ଶନ କରି କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଖଣ୍ଡପଡ଼ା ବ୍ଲକର ବନମାଳୀପୁରଠାରେ ଚାଲିଥିବା ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ସେହିପରି ୱାଟର ଚ୍ୟାନେଲ, ଫିଲଟର ହାଉସ୍, ବ୍ୟାକ ୱାସ ଟ୍ୟାଙ୍କ, ବାଇପାସ୍ ଚ୍ୟାନେଲ ପ୍ରମୁଖ ବୁଲି ଦେଖିଥିଲେ। ପରେ ଭାପୁର ବ୍ଲକର ପଦ୍ମାବତୀ ଠାରେ ଚାଲିଥିବା ଇନ୍‌ଟେକ୍ ୱେଲକୁ ଅନୁରୂପ ଭାବେ ଅନୁଧ୍ୟାନ କରିଥିଲେ। ୨୦୨୩ ମାର୍ଚ୍ଚ ପୂର୍ବରୁ ଶେଷ ହେବାକୁ ଥିବା ପ୍ରକଳ୍ପର କାର୍ଯ୍ୟ ନେଇ ଜିଲାପାଳ ଆରଡବ୍ଲ୍ୟୁଏସ୍‌ଏସ୍ ଓ ପ୍ରକଳ୍ପର କାର୍ଯ୍ୟ କରୁଥିବା ଜିଭିପିଆର ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡର ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

# ଫଳକରେ ଅଟକିଛି ୨ ପ୍ରକଳ୍ପ

**ଖଣ୍ଡପଡ଼ା,୨୪।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ନୂତନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲେ ମଧ ଅଦ୍ୟାବଧି ନୂତନ ପ୍ରକଳ୍ପ ନିର୍ମାଣ ହୋଇପାରୁନାହିଁ। ଅନୁଦାନ ଅର୍ଥ ମଞ୍ଜୁର ପରେ ବି ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ସ୍ଥାଣୁତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି।

ଖଣ୍ଡପଡ଼ା ସହର ବାଇପାସ୍ ରାସ୍ତା ପାର୍ଶ୍ୱରେ ଦେୱାନୀ ଅଦାଲତର ନୂତନ କୋଠାନିର୍ମାଣ ନିମନ୍ତେ ୨୦୧୯ରେ ଶିଳନ୍ୟାସ କରାଯାଇଥିଲା। ଏଥି ନିମନ୍ତେ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷ ଆବଶ୍ୟକ ସରକାରୀ ଜାଗା ଚିହ୍ନଟ କରି ବିଚାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ ମଧ ଅଦ୍ୟାବଧି ଉକ୍ତ କାମ କେବଳ ସୂଚନା ଫଳକରେ ସୀମିତ ରହିଛି। ଦେୱାନୀ ଅଦାଲତ ନୂତନ କୋଠା ନିର୍ମାଣ କାମ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ସେହିପରି ଖଣ୍ଡପଡ଼ା ସହରର ୧୩ ନଂ. ୱାର୍ଡ ଅଧୀନ ମା'ଉମାଦେବୀଙ୍କ ମନ୍ଦିର ପାର୍ଶ୍ୱ ୫.୫ ଏକର ସରକାରୀ ଜାଗାରେ ଏକ ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ୨୦୧୯ ମାର୍ଚ୍ଚ ୪ରେ ପ୍ରଶାସନ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଅଦ୍ୟାବଧି ବିଜ୍ଞାନ କେନ୍ଦ୍ର ନିର୍ମାଣ କାମ ଆରମ୍ଭ ହୋଇ ନ ଥିବା ବେଳେ ଏଥିପାଇଁ ମଞ୍ଜୁର ଅନୁଦାନ ଅର୍ଥ ପଡିରହିଛି। କେବେ ବିଜ୍ଞାନ କେନ୍ଦ୍ର ନିର୍ମାଣ ହେବ ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡା ଖଣ୍ଡପଡା ବାଇପାସ ରାସ୍ତାର ସମ୍ପ୍ରସାରଣ, ମଧୁବନ ମିନି ଷ୍ଟାଡିୟମର ଉନ୍ନତିକରଣ, ଶ୍ରୀହୀନ ଅବସ୍ଥାରେ ପଡି ରହିଥିବା ସୁନାମୁହିଁ ପରିବେଶ ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ, ନୂଆ ପୋଖରୀ ହୁଡାରେ ନୂତନ ପାର୍କ ନିର୍ମାଣ କାମ ଅଧାରେ ଅଟକି ରହିଛି। ଏଥିପ୍ରତି ନୟାଗଡ଼ ଜିଲାପାଳ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



୨ ଶିଳାନ୍ୟାସ ଫଳକ।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ନୂଆଗାଁ,୨୪।୧୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ଖାଲମଡ଼ା ଗ୍ରାମର ଅଂଶୁମାନ ପରିଡ଼ା ନାମକ ଜଣେ ୫ବର୍ଷ ବୟସର ଶିଶୁଙ୍କ ଗୁରୁବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଉକ୍ତ ଗ୍ରାମର ବିପିନ ବିହାରୀ ପରିଡ଼ାଙ୍କ ବାରିପଟ ପୋଖରୀ ନିକଟରେ କାମ କରୁଥିଲେ। ଏହି ସମୟରେ ପୁଅ ଅଂଶୁମାନ ତାଙ୍କ ପାଖକୁ ଯାଇଥିଲେ। ଖରାରେ ନ ଠିଆ ହେବାକୁ କହି ବିପିନ ପୁଅକୁ ବୁଝାଇ ଘରକୁ ପଠାଇ ଦେଇଥିଲେ। ହେଲେ ଅଂଶୁମାନ ମଳତ୍ୟାଗ କରିବା ପରେ ଶୌଚ ହେବା ପାଇଁ ପୋଖରୀକୁ ଯାଇଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ତାଙ୍କୁ ଖୋଜି ନ ପାଇବାରୁ ନୂଆଗାଁ ଅଗ୍ନିଶମ ବାହିନୀ ଓ ପୋଲିସକୁ ଜଣାଇବାରେ ସମସ୍ତେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦମକଳ କର୍ମଚାରୀମାନେ କୂଅ ଏବଂ ପୋଖରୀ ଖୋଜାଖୋଜି କରିଥିଲେ। ଶେଷରେ ପୋଖରୀରୁ ଅଂଶୁମାନଙ୍କୁ ଉଦ୍ଧାର କରାଯାଇ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ


ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ର।

**ଖଣ୍ଡପଡ଼ା,୨୪।୧୧(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଇତିହାସ ବିଭାଗ ଚଳିତ ବର୍ଷ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ କଲେଜ ସମ୍ମିଳନୀ କକ୍ଷରେ ସ୍ୱାଗତ କରାଯାଇଛି। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅଧ୍ୟାପିକା ସରଳା ବେହେରା, ରଶ୍ମିତା ସାହୁ, ଅଧ୍ୟାପକ ଯୋଗେଶ ଚନ୍ଦ୍ର ବିଶ୍ୱାଳ, ମାନସ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଶିକ୍ଷା ମଣିଷ ଭିତରେ ଆତ୍ମ ବିଶ୍ୱାସ ସୃଷ୍ଟି କରିଥାଏ ବୋଲି କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଯୁକ୍ତ–୩ ତୃତୀୟ ବର୍ଷର ଛାତ୍ର ବୃନ୍ଦାବନ ପ୍ରଧାନ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କବିତା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ନିଯୁକ୍ତି ଦାବି ଜୋର ଧରିଲା

## ଆଜି ରାଜରାସ୍ତାକୁ ଓହ୍ଲାଇବେ ଗ୍ରାମବାସୀ

**ଖଣ୍ଡପଡା,୨୪।୧୧(ସ୍ୱ.ପ୍ର)**

ଖଣ୍ଡପଡ଼ା ବ୍ଲକ ଅଧୀନ ବାଣପୁର ସରକାରୀ ୟୁଜିଏମ୍‌ଇ ସ୍କୁଲରେ ଜଣେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ସହ ଅବଶ୍ୟକ ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ବିଦ୍ୟାଳୟ ମୁଖ୍ୟଫାଟକରେ ତାଲାପକାଇ ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀରେ ସମୁଦାୟ ୩୪୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଦୀର୍ଘ ଦିନରୁ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ନାହାନ୍ତି। ବାରମ୍ବାର ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟ ଫାଟକରେ ତାଲା ପକାଯାଇ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯିବାର ଚେତାବନୀ ଦିଆଯାଇଥିବା ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତାରେଶ୍ୱର ପ୍ରଧାନ, ସମ୍ପାଦକ ଦୁର୍ଗାଚରଣ ପ୍ରଧାନ, ସଦସ୍ୟ ପ୍ରଦୀପ କୁମାର କର, ପ୍ରହ୍ଲାଦ ବେହେରା, ନବ କିଶୋର ପ୍ରଧାନ, ସରପଞ୍ଚ ପ୍ରତିମା ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଉଦୟନାଥ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ କୁହନ୍ତି,ବାଣପୁର ବିଦ୍ୟାଳୟରୁ ନଟବରପୁର ଶାସନକୁ ଡେପୁଟେଶନରେ ଯାଇଥିବା ଜଣେ ଶିକ୍ଷକଙ୍କ ଅର୍ଡରକୁ ଆଜି ବାତିଲ କରାଯାଇ ବାଣପୁର ସ୍କୁଲରେ ପୁର୍ନବାର ଅବସ୍ଥାପିତ କରାଯାଇଛି। ଏହାଛଡା ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଯେପରି କୌଣସି ଅସୁବିଧା ନ ହେବ ସେ ଦିଗରେ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରାଯାଉଥିବା ଶିକ୍ଷା ବିଭାଗ କାର୍ଯ୍ୟାଳୟ ବିଶେଷ ସୁତ୍ରରୁ ସୂଚନା ମିଳିଛି।

## ଖଣ୍ଡପଡ଼ା ଏନ୍‌ଏସିରେ ନୂତନ ଇଓ

**ଖଣ୍ଡପଡ଼ା,୨୪।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟରେ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅଶୋକ କୁମାର ରାଉତ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଉତ ପହଞ୍ଚିବା ପରେ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ କର୍ମଚାରୀମାନଙ୍କ ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ରାଉତ ପୂର୍ବରୁ ଯାଜପୁର ଜିଲା ବ୍ୟାସ ନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ଥିଲେ।

# ଦେବ ଦୀପାବଳି ଉତ୍ସବ ଉଦ୍‌ଯାପିତ

**ଖଣ୍ଡପଡ଼ା,୨୪।୧୧(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ପୀଠରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦେବ ଦୀପାବଳି ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇ ଯାଇଛି। ଏହି ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସିଂହଦ୍ୱାର ନିକଟରେ ସମବେତ ହୋଇ ସେମାନଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟ ଓ ଶୁକ୍ଳ ପ୍ରତିପଦା ୩ ଦିନ ବ୍ୟାପୀ ପାରମ୍ପରିକ ରୀତିରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲେକ୍ଷ ଗୁରୁବାର ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ସନ୍ଧ୍ୟା ଧୂପ ପରେ ହାଦୋଳାରେ ସିଂହଦ୍ୱାର ନିକଟ ଦୟଣା ଚୋରି ବଗିଚାକୁ ବିଜେ ହୋଇଥିଲେ। ପୂଜାର୍ଚ୍ଚନା ପରେ ଠାକୁରଙ୍କ ପକ୍ଷରୁ ପୂଜାରୀ ଓ ସେବାୟୀମାନେ କୃଷ୍ଣଙ୍କ ମାତା ପିତା ଦେବକୀ, ବାସୁଦେବ ଓ ଯଶୋଦା, ନନ୍ଦ ତଥା ଜଗତର ନାଥ ଜଗନ୍ନାଥ, ରାମ ଭାବରେ ଦଶରଥ ଓ ମା' କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ଶ୍ରୀଜୀଉ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିରରେ ଦେବଦୀପାବଳି ଉତ୍ସବ ପାରମ୍ପରିକ ରୀତିରେ ସଂପନ୍ନ ହୋଇ ଯାଇଛି। ଶତାଧିକ ଶ୍ରଦ୍ଧାଳୁ ଘିଅ ବଳିତା ଧରି ଠାକୁରଙ୍କ ପିତୃ ପୁରୁଷଙ୍କ ନିମନ୍ତେ ଆଲୋକ ପ୍ରଦାନ କରିଥିଲେ।


ଶ୍ରୀ ନୀଳମାଧବଙ୍କ ଶ୍ରାଦ୍ଧ ବେଶ

# ମହିଳା ଗ୍ରୁପ ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାଶ

## ସଦସ୍ୟା ଗିରଫ, ୪୫ ହଜାର ଟଙ୍କା ଜବତ

**ଓଡ଼ଗାଁ, ୨୪।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ବନ୍ଧ ସାହି ମହିଳା ଗ୍ରୁପଙ୍କ ଉଠାଣ କରାଯାଇଥିବା ୪ ଲକ୍ଷ ୧୪ ହଜାର ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ଜଡିତ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ସଦସ୍ୟା ଗିରଫ ହେବା ସହିତ ତାଙ୍କ ନିକଟରୁ ୪୫ ହଜାର ଲୁଟ୍ ଟଙ୍କା ପୋଲିସ ଜବତ କରିଛି। ଗିରଫ ମହିଳା ବନ୍ଧସାହି ହରିଜନ ସାହିର ନିର୍ମଳା ନାୟକ ବୋଲି ସୂଚନା ମିଳିଛି। ସେହିଗ୍ରାମର ଏକ ମହିଳା ଏସଏଚଜି ଗ୍ରୁପ ଅକ୍ଟୋବର ୨୮ ତାରିଖରେ ବ୍ୟାଙ୍କରୁ ଟଙ୍କା ଉଠାଇନେବା ବେଳେ ଗାଁ ମୁଣ୍ଡ ମଶାଣି ନିକଟରେ ସମୁଦାୟ ଟଙ୍କାକୁ ୩ ଜଣ ବାଇକ ଆରୋହୀ ଲୁଟି ନେବା ନେଇ ଥାନାରେ ମାମଲା(୧୬୯/୨୨) ରୁଜୁ ହୋଇଥିଲା। ହେଲେ ଏହି ଲୁଟ ଘଟଣାରେ ନିର୍ମଳାଙ୍କ ପୁଅ ସହିତ ଅନ୍ୟ ୩ ଜଣ ଅଭିଯୁକ୍ତ ରହିଥିବା ଜଣାଯାଇଛି।

ସୂଚନା ଅନୁସାରେ ନିର୍ମଳା ନିଜେ ଏହି ଗ୍ରୁପରେ ସଦସ୍ୟା ରହିବା ସହିତ ଭୁବନେଶ୍ୱର ସାଲିଆ ସାହିରେ ରୁହନ୍ତି। ହେଲେ ସେ ଗାଁରେ ଥିବା ଏସଏଚଜିରେ ସକ୍ରିୟ ସଦସ୍ୟା ରହିଥିବାରୁ ଗ୍ରୁପ କର୍ମକର୍ତ୍ତାଙ୍କ ଦ୍ୱାରା ମୋଟା ଅଙ୍କରେ ଟଙ୍କା ଉଠାଣ କରିବା ନେଇ ଅକ୍ଟୋବର ମାସରେ ବସିଥିବା ବୈଠକରେ ସେ ଖୋଦ ଉପସ୍ଥିତ ଥିଲେ। ଏବଂ ପରବର୍ତ୍ତୀ ସମୟରେ ୨୮ ତାରିଖରେ ଟଙ୍କା ଉଠାଣ ହେଉଥିବା ନେଇ ସେ ପୁନଃ ସୂଚନା ପାଇ ନିଜ ପୁଅ ସହିତ ଗାଁକୁ ଆସିବା ପରେ ଗ୍ରୁପ ଉଠାଉଥିବା ସମୁଦାୟ ଟଙ୍କା ଲୁଟ କରିବାକୁ ମା, ପୁଅ ମିଶି ଯୋଜନା କରିଥିଲେ। ଯୋଜନା ଅନୁସାରେ ଟଙ୍କା ଉଠାଣ ଦିନ ନିର୍ମଳା ଗ୍ରୁପ କର୍ମକର୍ତ୍ତାଙ୍କ ଅଗୋଚରରେ ବ୍ୟାଙ୍କ ସମ୍ମୁଖରେ ରହି ଟଙ୍କା ଉଠାଇବା ସମ୍ପର୍କରେ ଏବଂ ମହିଳା କର୍ମକର୍ତ୍ତା ଗାଁକୁ ବାହାରିବା ସମ୍ପର୍କରେ ଟିକନିଖି ସୂଚନା ମୋବାଇଲରେ ନିଜ ପୁଅକୁ ଦେଇଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ଗ୍ରୁପ ସଭାପତି ଗୁମାନି ନାୟକ ତାଙ୍କ ସ୍ୱାମୀଙ୍କ ସହିତ ବାଇକ୍‌ରେ ଗାଁକୁ ଯାଉଥିବା ବେଳେ କେନାଲ ଛକରୁ ଜଣେ ତାଙ୍କୁ ବାଇକରେ ପିଛା କରୁଥିବା ବେଳେ ଅନ୍ୟ ୩ଜଣ ତାଙ୍କୁ ଗାଁମୁଣ୍ଡରେ ମାରଣାସ୍ତ୍ର ଦେଖାଇ ସମୁଦାୟ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ହେଲେ ପୋଲିସ ତଦନ୍ତ କରି ଲୁଟ ଘଟଣାରେ ସଂପୃକ୍ତ ଥିବା ମହିଳା ନିର୍ମଳାଙ୍କୁ ଭୁବନେଶ୍ୱରସ୍ଥିତ ସାଲିଆ ସାହିରୁ ଗିରଫ କରିବା ସହିତ ନଗଦ ଟଙ୍କା ସହିତ ଏକ ମୋବାଇଲ ଜବତ କରିଥିବା ବେଳେ ଗୁରୁବାର କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଚକ୍ରଧର ସିଂ ସୂଚନା ଦେଇଛନ୍ତି। ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଜାରି ରଖିଥିବା ପୋଲିସ କହିଛି।


ଗରଫ ମହିଳା, ଜବତ ଟଙ୍କା।

